## ଲାଇଫ୍ ସାର୍ଟିଫିକେଟ ଦାଖଲ ଅବଧି ୩ ମାସ ଘୁଞ୍ଚିଲା

ଭୁବନେଶ୍ୱର,(ବ୍ୟୁରୋ): ରାଜ୍ୟରେ କୋଭିଡ୍-୧୯ ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପେନ୍ସନଧାରୀଙ୍କ ବାର୍ଷିକ ଲାଇଫ୍ ସାର୍ଟିଫିକେଟ ଦାଖଲ ଅବଧିକୁ ଆଉ ୩ ମାସ ବୃଦ୍ଧି କରିଛନ୍ତି। ଏଥିସହିତ ବ୍ୟକ୍ତିଗତ ଉପସ୍ଥିତ ନ ହୋଇ ମଧ୍ୟ ପ୍ରଥମ ପେନ୍ସନ ଓ ପରିବାର ପେନ୍ସନ ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ କରିବାକୁ ପେନ୍ସନ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଭୂମି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନ୍ଧାରକଣା ରାତି ହେଲେ ହୁଏ ବାଟବଣା ।**

ଅନ୍ଧାରକଣା ବ୍ୟକ୍ତିଙ୍କୁ ରାତିରେ ଭଲ ଦିଶି ନ ଥାଏ। ସଞ୍ଜ ନଇଁଲେ ନିଜ ଦୈନନ୍ଦିନ କାର୍ଯ୍ୟ କରିବାରେ ସେମାନେ ଦହଗଞ୍ଜ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅରୁଆ ଚାଉଳ ଖିରି କି ଆମ ରାଇଜର ନୋହୁରେ ନାଗର କେତେ ଅନଉଛୁ ନିରେଖି ।**

ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଟିରେ ଟାଣି ହୋଇଯାଇଥାଏ। ଯୁବତୀଙ୍କୁ ରାସ୍ତାଘାଟରେ ଗଲାବେଳେ କେହି ତା'ର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଅନେଇଥାନ୍ତି। ତେବେ ଚିହ୍ନାଜଣା ନ ଥିବା ଅପରିଚିତ ବ୍ୟକ୍ତିଙ୍କର ଏପରି ନିରେଖି ଅନେଇ ରହିବା ଉକ୍ତ ଯୁବତୀ ପକ୍ଷେ ଆଦୌ ଗ୍ରହଣୀୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଓଡ଼ିଶା ଗ୍ରାମପଞ୍ଚାୟତ ଆଇନର ଧାରା ୨୪ ହଟାଇବାକୁ ଜନସ୍ୱାର୍ଥ ମାମଲା

**କଟକ ଅଫିସ, ୫।୫:** ପଞ୍ଚାୟତର ସରପଞ୍ଚ ସିଧାସଳଖ ପ୍ରତ୍ୟକ୍ଷ ନିର୍ବାଚନରେ ଭାଗ ନେଇ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି। କିନ୍ତୁ ୱାର୍ଡ ମେମ୍ବରମାନେ ଅନାସ୍ଥା ପ୍ରସ୍ତାବ ଆଣି ତାଙ୍କୁ ଗାଦିରୁ ହଟାଇ ଦେଇଥାନ୍ତି। ଯାହା କି ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ। ୧୯୬୪ ମସିହା ଓଡ଼ିଶା ଗ୍ରାମପଞ୍ଚାୟତ ଆଇନର ଧାରା ୨୪ରେ ୱାର୍ଡ ମେମ୍ବରମାନଙ୍କୁ ଏହି କ୍ଷମତା ଦିଆଯାଇଛି। ତେବେ ଏହି ଧାରାକୁ ହଟାଇବା ଲାଗି ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ବୁଧବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ସେ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି, ଏହି ଆଇନକୁ ଉଚ୍ଛେଦ କରାଯିବାର ଆବଶ୍ୟକତା ରହିଛି। ସ୍ଥାନୀୟ ଏମ୍‌ପି ଏବଂ ବିଧାୟକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହି ଆଇନ ବଳବତ୍ତର ରହିଛି। ଅପରପକ୍ଷରେ ୧୯୯୩ ମସିହାରେ ସମ୍ବିଧାନରେ ୭୩ ତମ ସଂଶୋଧନ କରାଯାଇ ପଞ୍ଚାୟତଗୁଡ଼ିକୁ ୨୯ଟି ବିଭାଗର କ୍ଷମତା ହସ୍ତାନ୍ତର କରାଯାଇଛି। କିନ୍ତୁ ଅଦ୍ୟାବଧି ରାଜ୍ୟ ସରକାର ଏହିସବୁ କ୍ଷମତାକୁ ପଞ୍ଚାୟତଗୁଡ଼ିକୁ ପ୍ରଦାନ କରୁନାହାନ୍ତି। ତେଣୁ ହାଇକୋର୍ଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ ସଚିବ, ଆଇନ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଜଣାନାହିଁ କେବେ, ...

ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, କରୋନାର ତୃତୀୟ ଲହର ଆସିବାର ଯଥେଷ୍ଟ ସମ୍ଭାବନା ରହିଥିବା ଦିଲ୍ଲୀ ଏମ୍ସ ନିର୍ଦ୍ଦେଶକ ଡ. ରଣଦୀପ୍ ଗୁଲେରିଆ ମଙ୍ଗଳବାର କହିଥିଲେ। ସଂକ୍ରମଣ ରୋକିବାକୁ ହେଲେ ନାଇଟ୍ କର୍ଫ୍ୟୁ କି ସପ୍ତାହାନ୍ତ ଶଟ୍‌ଡାଉନ ନୁହେଁ, ଏକ ଦୀର୍ଘମିଆଦୀ ଲକ୍‌ଡାଉନର ଆବଶ୍ୟକତା ଥିବା ସେ କହିଛନ୍ତି। କୋଭିଡ୍ ମୁକାବିଲା ପାଇଁ ହସ୍ପିଟାଲ ଭିତ୍ତିଭୂମିର ବିକାଶ, ସଂକ୍ରମଣ କମାଇବା ଦିଗରେ ବଳିଷ୍ଠ ପଦକ୍ଷେପ ଏବଂ ସମସ୍ତଙ୍କୁ ଟିକାକରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। କୋଭିଡ୍‌ର ପ୍ରଥମ ଲହରରେ ବରିଷ୍ଠ ନାଗରିକ ଅଧିକ ଆକ୍ରାନ୍ତ ହେଉଥିବାବେଳେ ଦ୍ୱିତୀୟ ଲହରରେ ଯୁବବର୍ଗ ଅଧିକ ସଂକ୍ରମିତ ହେଉଛନ୍ତି। ଆଗାମୀ ସେପ୍ଟେମ୍ବର ମାସ ବେଳକୁ ତୃତୀୟ ଲହର ଆସିବା ସମ୍ଭାବନା ଥିବାବେଳେ ଏହା ଶିଶୁଙ୍କ ପାଇଁ ବିପଦ ଆଣିବ ବୋଲି ବିଶେଷଜ୍ଞମାନେ ମତ ଦେଇଥିଲେ। ସେଥିପାଇଁ କମ୍ ବୟସ୍କମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ଆରମ୍ଭ କରିବାକୁ ଶିଶୁରୋଗ ବିଶେଷଜ୍ଞମାନେ ସରକାରଙ୍କୁ ପରାମର୍ଶ ଦେଇଥିଲେ।

ଗତ ୨୪ ଘଣ୍ଟାରେ ଦେଶରେ ୩,୮୨,୩୧୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଦୈନିକ ମୃତ୍ୟୁସଂଖ୍ୟା ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ଦିନକରେ ସର୍ବାଧିକ ୩,୭୮୦ ଆକ୍ରାନ୍ତଙ୍କ ଜୀବନ ଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୦୬,୬୫,୧୪୮କୁ ବୃଦ୍ଧି ପାଇଥିବାବେଳେ ସକ୍ରିୟ ମାମଲା ୩୪,୮୭,୨୨୯ରେ ପହଞ୍ଚିଛି। ସେହିପରି ସମୁଦାୟ ମୃତ୍ୟୁସଂଖ୍ୟା ୨,୨୬,୧୮୮କୁ ବୃଦ୍ଧି ପାଇଛି। ମହାରାଷ୍ଟ୍ରରେ ୮୯୧ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ଉତ୍ତରପ୍ରଦେଶରେ ୩୫୧ ଜଣଙ୍କ ଜୀବନ ଯାଇଛି। ଦିନକରେ ମହାରାଷ୍ଟ୍ରରେ ସର୍ବାଧିକ ୫୧,୮୮୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କର୍ନାଟକରେ ୪୪,୬୩୧, କେରଳରେ ୩୭,୧୯୦, ଉତ୍ତରପ୍ରଦେଶରେ ୨୫,୭୭୦ ଏବଂ ତାମିଲନାଡୁରେ ୨୧,୨୨୮ ଜଣ ଗୋଟିଏ ଦିନରେ ସଂକ୍ରମିତ ହୋଇଛନ୍ତି। ମୋଟ ସଂକ୍ରମଣର ୪୭.୨୬ ପ୍ରତିଶତ କେବଳ ଏହି ୫ ରାଜ୍ୟରୁ ରିପୋର୍ଟ ହୋଇଛି। ଏହି ରାଜ୍ୟଗୁଡ଼ିକ ସମେତ ପଶ୍ଚିମବଙ୍ଗ, ରାଜସ୍ଥାନ, ବିହାରକୁ ମିଶାଇ ୧୨ଟି ପ୍ରଦେଶରେ ଲକ୍ଷେରୁ ଊର୍ଦ୍ଧ୍ୱ ସକ୍ରିୟ ମାମଲା ଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ଶିଶୁ, କିଶୋରଙ୍କୁ ...

ସ୍ୱାସ୍ଥ୍ୟ ପରୀକ୍ଷା ନ କରି ୨ ମାସରେ ଥରେ କରନ୍ତୁ। ଗର୍ଭାବସ୍ଥାରେ କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରି ଅଲ୍‌ଟ୍ରାସାଉଣ୍ଡ୍ କରନ୍ତୁ। ଗର୍ଭବତୀ ମହିଳା କରୋନା ଟିକା ନେବା ଉଚିତ ନୁହେଁ। ଯଦି କେହି ଟିକାର ପ୍ରଥମ ଡୋଜ୍ ନେବା ପରେ ଗର୍ଭଧାରଣ କରନ୍ତି, ତେବେ ଦ୍ୱିତୀୟ ଡୋଜ୍ ଟିକା ନିଅନ୍ତୁ ନାହିଁ। ସେହିପରି ଶିଶୁଙ୍କୁ ସ୍ତନ୍ୟପାନ କରାଉଥିବା ମା' ମଧ୍ୟ କରୋନା ଟିକା ନେଇପାରିବେ ନାହିଁ ବୋଲି ଡା. କର କହିଛନ୍ତି।

ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରି କହିଛନ୍ତି ଯେ, କରୋନାରେ ଆକ୍ରାନ୍ତ ହେଲେ ଭୟଭୀତ ହୁଅନ୍ତୁ ନାହିଁ। ଲକ୍ଷଣ ନ ଥିଲେ ଘରେ ରହି ଡାକ୍ତରଙ୍କ ପରାମର୍ଶ ନେଇ ସୁସ୍ଥ ହୁଅନ୍ତୁ। ୯୦ ପ୍ରତିଶତ ଆକ୍ରାନ୍ତ ହୋମ୍ ଆଇସୋଲେଶନରେ ରହି ଭଲ ହେଉଛନ୍ତି। ଔଷଧ ଖାଇବା ପରେ ଯଦି ଶ୍ୱାସକ୍ରିୟାରେ ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ଡାକ୍ତରଙ୍କୁ ଜଣାଇବା ସହ ତାଙ୍କ ପରାମର୍ଶକ୍ରମେ ହସ୍ପିଟାଲ ଯିବା ଆବଶ୍ୟକ। କିନ୍ତୁ ତରବରିଆ ହୋଇ ହସ୍ପିଟାଲ ଯିବା ଅନୁଚିତ। ଶରୀରରେ ଅକ୍ସିଜେନ ମାତ୍ରା କମିଗଲେ କିଛି ସମୟ ପର୍ଯ୍ୟନ୍ତ ମୁହଁ ମାଡ଼ି ହୋଇ ଶୋଇପଡ଼ିବେ। ଏହାପରେ ପ୍ରଥମେ ବାମ କଡ଼ ପରେ ଡାହାଣ କଡ଼ ମାଡ଼ି ଶୋଇବେ। ତା'ପରେ କିଛି ସମୟ ଆଉଜି ହୋଇ ବସିଲେ ଶରୀରରେ ଅକ୍ସିଜେନ ମାତ୍ରା ସ୍ୱାଭାବିକ ସ୍ତରକୁ ଆସିଯିବ ବୋଲି ସେ କହିଛନ୍ତି।

### ଋଣ ପଇଠରେ ଆଶ୍ୱସ୍ତି ...

ଲଦେଇରେ ଥିବା ଭିତ୍ତିଭୂମି ଏବଂ ସେବା ଯୋଗାଣକାରୀ ଲାଭବାନ ହୋଇପାରିବେ ବୋଲି କୁହାଯାଉଛି।

ଅଗ୍ରାଧିକାର କ୍ଷେତ୍ର ଋଣ ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ବ୍ୟାଙ୍କଗୁଡ଼ିକୁ ଉତ୍ସାହିତ କରାଯିବ। ସେହିଭଳି କୋଭିଡ୍ ସଂକ୍ରାନ୍ତ ଚାପଗ୍ରସ୍ତ ସମ୍ପତ୍ତି ରିଜୋଲ୍ୟୁଶନ ଫ୍ରେମ୍‌ୱାର୍କ ୨.୦ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହା ଅଧୀନରେ ବ୍ୟକ୍ତି ବିଶେଷ, କ୍ଷୁଦ୍ର ବାଣିଜ୍ୟ ଏବଂ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣକୁ ପୁନର୍ଗଠନ କରିବା ସୁବିଧା ପାଇବେ। ଏଥିଲାଗି ୨ ବର୍ଷ ଯାଏ ସମୟ ଦିଆଯାଇଛି। ଏ ସଂକ୍ରାନ୍ତ ୱିଣ୍ଡୋ ସେପ୍ଟେମ୍ବର ଯାଏ ଖୋଲା ରହିବ। ବ୍ୟକ୍ତି ବିଶେଷଙ୍କଠାରୁ ଏ ନେଇ ଅନୁରୋଧ ପାଇବା ପରେ ବ୍ୟାଙ୍କ ୯୦ ଦିନ ମଧ୍ୟରେ ଏହି ସୁବିଧା ଦେବେ। ଗତ ବର୍ଷ ସୁବିଧା ନେଇ ନ ଥିବା ବ୍ୟକ୍ତିବିଶେଷ ଏବଂ ସଂସ୍ଥା ଏହାର ଲାଭ ଉଠାଇପାରିବେ। ସେହିଭଳି ରାଜ୍ୟ ସରକାରଗୁଡ଼ିକ ଲାଗି ଓଭର ଡ୍ରାଫ୍ଟ ସୁବିଧା ଗ୍ରହଣ ନିୟମରେ କିଛିଟା କୋହଳ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ସେପ୍ଟେମ୍ବର ୩୦ ଯାଏ ଏହାର ଲାଭ ନେଇ ହେବ। ସେହିଭଳି କେୱାଇସି ଅନୁପାଳନ ନିୟମ ମଧ୍ୟ କୋହଳ ହୋଇଛି। ଚଳିତ ବର୍ଷ ଡିସେମ୍ବର ଶେଷ ଯାଏ ବ୍ୟାଙ୍କଗୁଡ଼ିକ ଏ ନେଇ ଗ୍ରାହକଙ୍କୁ ବାଧ୍ୟ ନ କରିବା ଲାଗି ଆର୍‌ବିଆଇ କହିଛି। କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଭିଡିଓ ଭିତ୍ତିକ କେୱାଇସି କରାଇବା ଲାଗି ନିର୍ଦ୍ଦେଶ ରହିଛି। କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱିତୀୟ ପର୍ଯ୍ୟାୟ ସରକାରୀ ପ୍ରତିଭୂତି କ୍ରୟ ଅଧୀନରେ ୨ ସପ୍ତାହ ମଧ୍ୟରେ ୩୫ ହଜାର ଟଙ୍କାର କାରବାର କରିବ ବୋଲି ଜଣାପଡ଼ିଛି।

କରୋନାର ଦ୍ୱିତୀୟ ଲହରକୁ ନେଇ ଆର୍‌ବିଆଇ ଚିନ୍ତା ପ୍ରକଟ କରିଛି। ଅର୍ଥ ବ୍ୟବସ୍ଥା ଅଣ୍ଟା ସଳଖି ଛିଡ଼ାହେବାକୁ ଚେଷ୍ଟା କରିବାକୁ ଆରମ୍ଭ କରିଥିବା ବେଳେ ପୁଣି ଥରେ ଏହା ଉପରେ ଚାପ ପଡ଼ିଛି। ସ୍ଥିତି ଉପରେ ଲଗାତର ନଜର ରଖାଯାଇଥିବା ଗଭର୍ନର ଶକ୍ତିକାନ୍ତ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବଜାର ଉପରେ ପଡୁଥିବା ଚାପକୁ ନଜରକୁ ବିଚାରକରି ବାଣିଜ୍ୟ କ୍ଷେତ୍ର ଲାଗି କିଛି ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ମତ ରଖିଛନ୍ତି। କୋଭିଡ୍‌ଜନିତ ବଜାରର ସମସ୍ୟା ସମାଧାନ କରିବା ପାଇଁ ଆର୍‌ବିଆଇ ଏହାର ବିଭିନ୍ନ ଟୁଲ୍ ବ୍ୟବହାର କରିବ। ଏ ନେଇ ରିଜର୍ଭ ବ୍ୟାଙ୍କ ବର୍ତ୍ତମାନ ସରକାରଙ୍କ ସହ ମିଳିତ ହୋଇ କାମ କରୁଛି। ଆର୍ଥିକ ସ୍ଥିତି ଠିକ୍ ରଖିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ପଦକ୍ଷେପ ନେଉଛି। ବଜାର ଦକ୍ଷ ଭାବେ କାମ କରିବା ଜାରି ରଖିବ ବୋଲି ଗଭର୍ନର ଆଶାବାଦୀ ରହିଛନ୍ତି। ବିଶ୍ୱ ବଜାରର ଅଭିବୃଦ୍ଧି ନେଇ ଆଶଙ୍କା ପ୍ରକଟ ପାଇଛି। ଏହା ନିମ୍ନଗାମୀ ରହିପାରେ। ଏହାବାଦ କ୍ଷୁଦ୍ର ଋଣଗ୍ରହୀତା, ଏମ୍‌ଏସ୍‌ଏମ୍‌ଇ ଏବଂ ବ୍ୟକ୍ତି ବିଶେଷଙ୍କ ସମସ୍ୟା ବୃଦ୍ଧି ପାଇବ। ବର୍ତ୍ତମାନ କେନ୍ଦ୍ରୀୟ ବ୍ୟାଙ୍କ

କାର୍ଯ୍ୟକୁ ଜାରି ରଖିବା ଲାଗି ୨୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଏବଂ ସେବା ଯୋଗାଣକାରୀ ସେମାନଙ୍କ ଘରଠାରୁ ବାହାରେ ରହି ବର୍ତ୍ତମାନ କାମ କରୁଛନ୍ତି। ତ୍ୱରିତ ଭିତ୍ତିରେ ଜୀବନ ରକ୍ଷା ଏବଂ ଜୀବିକାକୁ ଟ୍ରାକ୍‌କୁ ଆଣିବା ଏକ ଚ୍ୟାଲେଞ୍ଜ ହୋଇଥିବା ଗଭର୍ନର ମତ ପ୍ରକାଶ କରିଛନ୍ତି।

### ବିଳମ୍ବ ହୋଇପାରେ ...

ବିଶେଷଜ୍ଞ ମତ ଦେଉଛନ୍ତି। ଚଳିତ ବର୍ଷ ଓଡ଼ିଶାରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ପୂର୍ବରୁ ପାଣିପାଗ ବିଭାଗ ଅନୁମାନ କରିଥିଲା। ଏପ୍ରିଲ ଓ ମେ'ରେ ଗରମ ବଢୁ ନ ଥିବାରୁ ମୌସୁମୀ ପାଇଁ ପାଗ ଅନୁକୂଳ ହେବା ସମ୍ଭାବନା କମ୍ ରହିଛି। ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ମୌସୁମୀ ଓଡ଼ିଶା ଛୁଇଁଲେ ମଧ୍ୟ ବର୍ଷା ଆଶାନୁରୂପ ହୋଇ ନ ପାରେ । ଚଳିତ ବର୍ଷର ଜଳବାୟୁ ମୌସୁମୀ ପାଇଁ କେତେ ଅନୁକୂଳ ହେଉଛି ତାହା ଆଉ ୩ ସପ୍ତାହ ମଧ୍ୟରେ ଜଣାପଡ଼ିବ।

ସୂଚନାଯୋଗ୍ୟ ଯେ, ଗତବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ସ୍ୱାଭାବିକଠାରୁ ୪ ପ୍ରତିଶତ ଅଧିକ ବର୍ଷା ଦେଇଥିଲା। ଜୁଲାଇରେ ଶୁଖିଲା ପକାଇଥିଲେ ମଧ୍ୟ ଅଗଷ୍ଟରୁ ଅକ୍ଟୋବର ତୃତୀୟ ସପ୍ତାହ ଯାଏ ଲଗାତର ଲଘୁଚାପଜନିତ ବର୍ଷା ଯୋଗୁ ବର୍ଷା ଅଭାବ ଭରଣା ହୋଇଯାଇଥିଲା। ଜୁନ୍ ପହିଲାରୁ ସେପ୍ଟେମ୍ବର ୩୦ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୧୨୫୦ ମିଲିମିଟର ବର୍ଷା ହେବାକୁ ଥିବାବେଳେ ୧୩୦୨ ମିଲିମିଟର ହୋଇଥିଲା। ମାଲକାନଗିରି ଓ ଝାରସୁଗୁଡ଼ା ଜିଲାରେ ଅଧିକ ବର୍ଷା ହୋଇଥିଲା। ଜୁନ୍ ପହିଲାରୁ ଅକ୍ଟୋବର ୨୭ ମଧ୍ୟରେ ରାଜ୍ୟରେ ୧୦ ଲଘୁଚାପ ସୃଷ୍ଟି ହୋଇଥିଲା। ଦକ୍ଷିଣ-ପଶ୍ଚିମ ମୌସୁମୀ ଜୁନ୍ ୧୧ରେ ରାଜ୍ୟକୁ ପ୍ରବେଶ କରିଥିଲା। ଜୁନ୍‌ରେ ସାଧାରଣ ବୃଷ୍ଟିପାତଠାରୁ ୯.୩ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ଜୁଲାଇରେ ୩୪.୯ ପ୍ରତିଶତ କମ୍ ବର୍ଷା ହୋଇଥିଲା। ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିଲା। ଅଗଷ୍ଟରେ ୪୫.୨ ପ୍ରତିଶତରୁ ଅଧିକ ବର୍ଷା ହୋଇଥିଲା। ଅଗଷ୍ଟରେ ୧୭ ଜିଲାରେ ସାଧାରଣ ବୃଷ୍ଟିପାତ (୧୯%)ଠାରୁ ଅଧିକ ହୋଇଥିବାବେଳେ ୧୨ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିଲା। ଅଗଷ୍ଟରେ ୪ ଲଘୁଚାପ ହୋଇଥିଲା। ଫଳରେ ରାଜ୍ୟରେ ମଧ୍ୟମ ଧରଣର ବନ୍ୟା ହୋଇଥିଲା। ଏହି ବନ୍ୟାରେ ଯାଜପୁର, ପୁରୀ, କେନ୍ଦ୍ରାପଡ଼ା, ଭଦ୍ରକ ଜିଲା ଅଧିକ ପ୍ରଭାବିତ ହୋଇଥିଲା।

### ଦ୍ୱିତୀୟ ଦିନ ଲାଗି ...

ଏବଂ ଡିଜେଲ ଦର ଯଥାକ୍ରମେ ୯୦.୭୪ ଟଙ୍କା ଏବଂ ୮୧.୧୨ ଟଙ୍କା ଛୁଇଁଛି। ସେହିଭଳି ମୁମ୍ବାଇରେ ଯଥାକ୍ରମେ ୯୭.୧୨ ଟଙ୍କା, ୮୮.୧୯ ଟଙ୍କା, ଚେନ୍ନାଇରେ ୯୨.୭୦ ଟଙ୍କା ଏବଂ ୮୬.୦୯ ଟଙ୍କା ଥିବା ବେଳେ କଲିକତାରେ ୯୦.୯୨ ଟଙ୍କା ଏବଂ ୮୩.୯୮ ଟଙ୍କା ଛୁଇଁଛି। ଚଳିତ ବର୍ଷ ଜାନୁୟାରୀ ପରଠାରୁ ଇନ୍ଧନ ଦର ରେକର୍ଡ ସ୍ତରରେ ରହିଛି। ପେଟ୍ରୋଲ ଏବଂ ଡିଜେଲ ଦର ଏହା ମଧ୍ୟରେ ପ୍ରାୟ ୨୬ ଥର ବଢ଼ିଲାଣି। ଫଳରେ ପେଟ୍ରୋଲ ୭.୪୬ ଟଙ୍କା ଏବଂ ଡିଜେଲ ୭.୬୦ ଟଙ୍କା ମହଙ୍ଗା ହୋଇଛି।

ଉଲ୍ଲେଖଯୋଗ୍ୟ, ନିର୍ବାଚନ ଯୋଗୁ ତୈଳ ବିପଣନ କମ୍ପାନୀଗୁଡ଼ିକ ପେଟ୍ରୋଲ,ଡିଜେଲ ଦରରେ କୌଣସି ପରିବର୍ତ୍ତନ କରୁ ନ ଥିଲେ। ନିର୍ବାଚନ ଶେଷ ହେବା ପରେ ଦର ପୁଣି ଥରେ ବଢ଼ିବ ବୋଲି ଆଶଙ୍କା କରାଯାଉଥିଲା। ନିର୍ବାଚନ ଗୋଟିଏ ଦିନ ପରେ ତେଲ ଦର ପୁଣି ଥରେ ବୃଦ୍ଧି ପାଇଥିବା ନଜରକୁ ଆସିଛି। କମ୍ପାନୀଗୁଡ଼ିକ ଗତ ୧୮ ଦିନ ପରେ ତେଲ ଦରରେ ଏଭଳି ପରିବର୍ତ୍ତନ କରିଛନ୍ତି। ଗତ ଫେବୃୟାରୀ ୨୮ରୁ ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ସମୟ ହେବ ତେଲ ଦର ବଢ଼ି ନ ଥିଲେ ମଧ୍ୟ ଏହି ଅବଧିରେ ଦର ପ୍ରାୟ ୭୦ ପଇସା କମିଥିଲା।

### ମମତାଙ୍କ ତୃତୀୟ ...

ପାଇଁ ସେ ସମସ୍ତ ରାଜନୈତିକ ଦଳକୁ ଅନୁରୋଧ କରିଥିଲେ। ସମ୍ବିଧାନ ଓ ଆଇନର ନିୟମାବଳୀ ଅନୁଯାୟୀ ମମତା ଶାସନ କରିବେ ବୋଲି ରାଜ୍ୟପାଳ ଧନକର ଆଶାବ୍ୟକ୍ତ କରିଥିଲେ। ଶପଥ ଉତ୍ସବରେ ବରିଷ୍ଠ ଟିଏମ୍‌ସି ନେତା ପାର୍ଥ ଚାଟାର୍ଜୀ, ସୁବ୍ରତ ମୁଖାର୍ଜୀ, ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋର, ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା, ବାମଦଳ ଏବଂ କଂଗ୍ରେସ ନେତା ଉତ୍ସବରେ ଯୋଗ ଦେଇ ନ ଥିଲେ।

### କଳାବଜାର ଉପରେ ...

କରିବା ନିମନ୍ତେ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁସାରେ, ରାଜ୍ୟରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ବର୍ତ୍ତମାନ ରାଜ୍ୟରେ ଚାଉଳ, ଡାଲି ଓ ଗହମଜାତୀୟ ଦ୍ରବ୍ୟ ଯଥା- ଅଟା, ମଇଦା, ସୁଜି ଏବଂ ଖାଇବା ତେଲ, ଆଳୁ, ପିଆଜ, ଚିନି ଇତ୍ୟାଦି ଖାଉଟି ସାମଗ୍ରୀ ଚାହିଦାଠାରୁ ଅଧିକ ରହିଛି। ରାଜ୍ୟରେ ୧୪ ଦିନିଆ ଲକ୍‌ଡାଉନ୍ ଲାଗୁ ହୋଇଥିଲେ ମଧ୍ୟ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ପରିବା, କ୍ଷୀର ଓ ମାଛମାଂସ ଦୋକାନ ସକାଳ ୬ଟାରୁ ଅପରାହ୍ନ ୧୨ଟା ଯାଏ ଖୋଲା ରହୁଛି। ଏହାସହ ଅତ୍ୟାବ୍ୟଶକ ସାମଗ୍ରୀର ଆମଦାନୀ ଓ ପରିବହନରେ କୌଣସି କଟକଣା ନାହିଁ। ତେଣୁ ଜନସାଧାରଣ କେବଳ ନିଜର ଆବଶ୍ୟକତା ଅନୁଯାୟୀ ଖାଉଟି ସାମଗ୍ରୀ କିଣିବା ନିମନ୍ତେ ମନ୍ତ୍ରୀ ସ୍ୱାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଭୟଭୀତ ହୋଇ ଅଯଥାରେ ଅଧିକ ପରିମାଣରେ ସାମଗ୍ରୀ କିଣି ମହଜୁଦ ନ ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବସାୟୀମାନେ ମଧ୍ୟ ସାମଗ୍ରୀର ଚାହିଦା ଅନୁଯାୟୀ ଆମଦାନୀ କରୁଛନ୍ତି। ଯୋଗାଣ ବିଭାଗ କର୍ମଚାରୀମାନେ ଏହାର ତଦାରଖ କରି ଦୈନନ୍ଦିନ ରିପୋର୍ଟ ସରକାରଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଜନସାଧାରଣ କୌଣସି ଗୁଜବରେ ବିଶ୍ୱାସ ନ କରି ନିଜର ଆବଶ୍ୟକତା ଅନୁଯାୟୀ ସାମଗ୍ରୀ କିଣାକିଣି କରିବା ସହିତ କଳାବଜାର ରୋକିବା ପାଇଁ ସରକାରଙ୍କୁ ସହଯୋଗ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

### ଚଳିତବର୍ଷ ବଢ଼ିବନି ...

ରେଜିଷ୍ଟ୍ରେଶନ ଫି' ଅପରିବର୍ତ୍ତିତ ରହିବ। ଗତବର୍ଷ ଖୋର୍ଦ୍ଧା ଓ ବରଗଡ଼ ଜିଲା ପାଇଁ ଜମିର ବେଞ୍ଚମାର୍କ ମୂଲ୍ୟ ୧୦ ପ୍ରତିଶତ ବୃଦ୍ଧି କରାଯାଇଥିବା ବେଳେ ଅନ୍ୟ ଜିଲାଗୁଡ଼ିକ ପାଇଁ ଅପରିବର୍ତ୍ତିତ ରହିଥିଲା। ପରେ ଉକ୍ତ ବୃଦ୍ଧି ସମ୍ପର୍କିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରାଯାଇଥିଲା।

# କାଳବୈଶାଖୀ: ଗଛପଡ଼ି ୨ ମୃତ

ଶେରଗଡ,୫।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଅଞ୍ଚଳରେ ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ପବନରେ ଗଛ ଭାଙ୍ଗି ପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ବ୍ରାହ୍ମଣଛାଇ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନ (୭୦) ଓ ବାବୁଲା ପ୍ରଧାନଙ୍କ ପୁଅ କାହ୍ନା (୧୨)। ପ୍ରବଳ ବର୍ଷା ପବନ ହେଉଥିବାରୁ ପୂର୍ଣ୍ଣଚନ୍ଦ୍ର ଓ କାହ୍ନା ସେମାନଙ୍କ ଗୁହାଳକୁ ଯାଇ ଗୋରୁ ଖୋଲି ଦେଇଥିଲେ। ଏହି ସମୟରେ ଏକ ବଡ଼ ଗଛ ଗୁହାଳ ଉପରେ ଭାଙ୍ଗି ପଡ଼ିବାରୁ ଉଭୟେ ଚାପି ହୋଇ ବାହାରି ପାରି ନ ଥିଲେ। ପ୍ରବଳ ବର୍ଷା କାରଣରୁ ଉଭୟଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା। ଫଳରେ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ବର୍ଷା ଛାଡ଼ିବା ପରେ ପୋଲିସ ମୃତଦେହ ୨ଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଏ ନେଇ ହିଞ୍ଜିଳି ଥାନାରେ ନଂ. ୫/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଖବରପାଇ ଶେରଗଡ଼ ତହସିଲଦାର ଡ.ଦୟାସିନ୍ଧୁ ପରିଡା, ବିଡିଓ ଶମ୍ଭୁନାଥ ନନ୍ଦି ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି।

# ପଶ୍ଚିମବଙ୍ଗ ହିଂସା ବିରୋଧରେ ରାଜ୍ୟ ଭାଜପାର ଧାରଣା

**ଭୁବନେଶ୍ୱର, ୫।୫(ବ୍ୟୁରୋ):** ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସାରେ ଟିଏମସି କାର୍ଯ୍ୟକର୍ତ୍ତାମାନେ ଯେଉଁଭଳି ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପରେ ବର୍ବର ଓ ଅମାନୁଷିକ କାଣ୍ଡ ଭିଆଉଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଏହା ବିରୋଧରେ ଭାଜପା ଦେଶବ୍ୟାପୀ ଧାରଣା ଦେଇଛି। ପ୍ରତ୍ୟେକ ନେତାମାନେ ନିଜ ଘର ବାହାରେ ବସି ପଶ୍ଚିମବଙ୍ଗ ହିଂସାକୁ ବିରୋଧ କରିଛନ୍ତି। ନିର୍ବାଚନ ଜିତିବା ପରେ ମମତା ବାନାର୍ଜୀ ଓ ତାଙ୍କ ଦଳ ଟିଏମସିର ନିର୍ବାଚନୀ ସ୍ଲୋଗାନ ''ଖେଲା ହୋବେ''କୁ ବର୍ତ୍ତମାନ ବାସ୍ତବରେ ପରିଣତ କରାଯାଉଛି। 'ହିଂସା, ଆତଙ୍କରାଜ ଓ ହତ୍ୟା' ଗଣତନ୍ତ୍ରର ପରିପନ୍ଥୀ ନୁହେଁ। ବଙ୍ଗଳାର ଗୋଟିଏ ହେଲେ କାର୍ଯ୍ୟକର୍ତ୍ତାଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ। ଏଭଳି ହିଂସାକାଣ୍ଡ ତୁରନ୍ତ ବନ୍ଦ ହେବା ଆବଶ୍ୟକ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ନିହାତି ଜରୁରୀ। ପଶ୍ଚିମବଙ୍ଗ ରାଜନୈତିକ ହିଂସାକାଣ୍ଡ ବିରୋଧରେ ବିରୋଧୀ ଦଳଗୁଡ଼ିକ କାହିଁକି ମୁହଁ ଖୋଲୁ ନାହାନ୍ତି ବୋଲି ସମୀର ପ୍ରଶ୍ନ କରିଛନ୍ତି।

# ପରୀ ହତ୍ୟା ମାମଲା ପରବର୍ତ୍ତୀ ଶୁଣାଣି ୭ରେ

ନୟାଗଡ଼ ଅଫିସ,୫।୫:ନୟାଗଡ଼ର ବହୁଚର୍ଚ୍ଚିତ ପରୀ ହତ୍ୟା ମାମଲାରେ ବୁଧବାର ନାବାଳକ କଲେଜ ଛାତ୍ରଙ୍କ ଜାମିନ ଆବେଦନ ଉପରେ ହାଇକୋର୍ଟରେ ଶୁଣାଣି ହୋଇଛି। ବିଚାରପତି ଏସ୍.କେ. ପାଣିଗ୍ରାହୀ ଏହାର ଶୁଣାଣି କରିଥିଲେ। ପରବର୍ତ୍ତୀ ଶୁଣାଣି ୭ ତାରିଖରେ ହେବ ବୋଲି ତାରିଖ ଧାର୍ଯ୍ୟ କରାଯାଇଛି। ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦଙ୍କ ସୂଚନା ଅନୁସାରେ କଲେଜ ଛାତ୍ରଙ୍କ ଭଉଣୀ ବାହାଘର ଆସନ୍ତା ୯ ତାରିଖରେ ହେବ। ଏଣୁ ଆମ ପକ୍ଷରୁ ମଧ୍ୟବର୍ତ୍ତିକାଳୀନ ଜାମିନ ପାଇଁ ଆବେଦନ ହୋଇଥିଲା।

**ଆଜିର ମନ୍ତବ୍ୟ**

"ବିଦେଶରୁ ମିଳିଥିବା କୋଭିଡ୍ ସହାୟତା କେଉଁଠି, କିପରି ବ୍ୟବହାର କରାଯାଇଛି ସେ ସମ୍ପର୍କରେ କେନ୍ଦ୍ର ସରକାର ଜନସାଧାରଣଙ୍କୁ ସବିଶେଷ ତଥ୍ୟ ଦିଅନ୍ତୁ।" –ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## classifieds Everyday 0674-2580101, 2549302




**SALE**

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

ଭୁବନେଶ୍ୱର-ପୁରୀ ରାସ୍ତାର ପିପିଲି NH side Gated Community Plotting Project 30' ରାସ୍ତା, electricity boundary, park, Temple, Entrancegate (Bank finance available) sqft.-670/-, 7327092999. D-70846

Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952. D-70830




New Opening Saikrupa Panchakarma and Spa Joint Pain, Fullbody Massage. 8984068077. D-65917

Newly open Spa Offer @599/-, positively health benefits, Jaydevbihar. 7846814019. D-59990

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣ କଥା କହିବାରେ କଠୋରତା କାରଣରୁ କଳହର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ, ପରିବହନ, ନିର୍ମାଣ, ଜମିଜମା ଓ ଆନୁଷ୍ଠାନିକ ଆଲୋଚନାରେ ସଫଳତା ଲାଭ କରିବାରେ ଅସୁବିଧା ହେବନାହିଁ। ଆତ୍ମୀୟଙ୍କ ଆରୋଗ୍ୟ ପାଇଁ ଚିନ୍ତା ବଢ଼ିପାରେ। ଇଚ୍ଛା ବିରୁଦ୍ଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ।

**ବୃଷ** ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଅଳ୍ପ ସମୟ ମଧ୍ୟରେ ସବୁ ଠିକ୍ ହୋଇଯିବ। ବାହାର ଲୋକଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସାଙ୍ଗସାଥୀମାନଙ୍କ ସହ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପଡ଼ୋଶୀଙ୍କଠାରୁ ଅର୍ଥ ସାହାଯ୍ୟଲାଭ କରି କାମ ହାସଲ କରିବେ।

**ମିଥୁନ** ମନରେ ବିଭିନ୍ନ ପ୍ରକାର କଳ୍ପନାର ରଙ୍ଗିନ୍ ପ୍ରତିଛବି ଉଙ୍କି ମାରିପାରେ। ବ୍ୟବସାୟକୁ ନୂତନ ରୂପ ଦେବାର ପରିକଳ୍ପନା କରି ତଦନୁଯାୟୀ ବନ୍ଧୁଙ୍କ ସହ ଯୋଗାଯୋଗ କରିପାରନ୍ତି। ଜଣେ ବନ୍ଧୁ ଆର୍ଥିକ ଓ ବାଚନିକ ସାହାଯ୍ୟ କରିବେ। କଳା, ସାହିତ୍ୟରେ ଉନ୍ନତି କରିବେ ଓ ସମସ୍ୟାର ସମାଧାନ ଦିଗରେ ଚେଷ୍ଟିତ ମଧ୍ୟ ହେବେ।

**କର୍କଟ** ଦୀର୍ଘଦିନର ପ୍ରତୀକ୍ଷା ପରେ କୌଣସି ସୂଚନା ଲାଭ କରି ଅପୂର୍ବ ଆନନ୍ଦ ଅନୁଭବ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଭୁଲ୍ ବୁଝାମଣା ହେତୁ ପରିବାରରେ ଟଣାଓଟରା ଦେଖାଦେଇପାରେ। ପ୍ରକାଶନ, ପ୍ରଶାସନ, ରାଜନୀତି, ଆଇନ, ଅଦାଲତ ତଥା ଆନୁଷ୍ଠାନିକ କ୍ଷେତ୍ରରୁ ସଫଳତା ପାଇବେ।

**ସିଂହ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତି ବିଶେଷଙ୍କର ସହଯୋଗ ପାଇ ସମସ୍ୟା ସମାଧାନ କରିବାରେ ସଫଳ ହେବେ। ପରିବାରରେ ସ୍ଥଗିତ କାମ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଅଫିସ୍‌ରେ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଜମିଜମା, ମାଲିମକଦ୍ଦମା, ମାଙ୍ଗଳିକ କାର୍ଯ୍ୟ ସମ୍ପର୍କୀୟ ଆଲୋଚନାରେ ଅଗ୍ରଗତି ପରିଲକ୍ଷିତ ହୋଇପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ସହ ପରିସ୍ଥିତିକୁ ସରଗରମ କରି ରଖିବ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ବନ୍ଧୁଙ୍କ ସହ ପୂର୍ବ ଆଲୋଚନା ପ୍ରକାରେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଲେଖାପଢ଼ା ତଥା ପ୍ରକାଶନ,ରଚନାତ୍ମକ କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ ଓ ସତ୍‌ସଙ୍ଗ କ୍ଷେତ୍ରରେ ଆତ୍ମତୃପ୍ତି ପାଇବେ।

**ତୁଳା** ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ହଠାତ୍ ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଆତ୍ମୀୟଙ୍କଠାରୁ ସାହାଯ୍ୟ, ସହଯୋଗ ଲାଭ କରିବେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଧର୍ମକାର୍ଯ୍ୟ ପାଇଁ ନିକଟ ସମ୍ପର୍କୀୟଙ୍କଠାରୁ ପ୍ରେରଣା ମିଳିପାରେ।

**ବିଛା** ବନ୍ଧୁଟି ସ୍ୱାର୍ଥବାଦୀ ହୋଇପଡ଼ିବା ଫଳରେ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ସାହିତ୍ୟ, କଳା, କ୍ରୀଡ଼ା, କୀର୍ତ୍ତନ ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ପରିସ୍ଥିତିବଶତଃ ହଠାତ୍ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ଧନୁ** ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। କେତେକ କ୍ଷେତ୍ରରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଅସଫଳତାକୁ କେନ୍ଦ୍ରକରି ନିଜ ଲୋକଙ୍କୁ ସନ୍ଦେହ କରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ଅବଶ୍ୟ ଘଟିବ।

**ମକର** ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ ଉତ୍‌ଫୁଲ୍ଲିତ ହେବେ। ସାମାଜିକ ସ୍ତରରେ କେତେକ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ।

**କୁମ୍ଭ** ସାମାଜିକ ସ୍ତରରେ ଯାହା କହିବେ ଅଳ୍ପ କହିବେ କିନ୍ତୁ ମରମ କଥାଟି କହି ପରୋକ୍ଷ ଶତ୍ରୁତାକୁ ଡାକି ଆଣିବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ। ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ି ଚାଲନ୍ତୁ ନିଶ୍ଚିତ ସଫଳତା ପାଇବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ନାସ୍ତିବାଣୀ ଶୁଣାଇ ପାରନ୍ତି।

**ମୀନ** ମନ କଥାକୁ ମନ ଭିତରେ ସାଇତି ରଖି କାମ କରିବାକୁ ବାଧ ହୋଇପାରନ୍ତି। ସାମୟିକ ଅସୁସ୍ଥତା କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହେବ।

ଆଜି ବୈଶାଖ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ, ଗୁରୁବାର, ମେ ୬ ତାରିଖ ରାଶିନକ୍ଷତ୍ର- ଦିବା ଘ.୧୦।୩୨ ଗତେ ଶତଭିଷା/କୁମ୍ଭ,ଦଶମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୫।୧୮ ଗତେ ଘ. ୦୭।୦୧ ମଧ୍ୟେ, ଘ.୧୦।୨୬ ଗତେ ଘ.୦୧।୦୦ ମଧ୍ୟେ ମାହେନ୍ଦ୍ର ବେଳା। ରାତ୍ରି ଘ.୦୨।୧୯ ଗତେ ଘ.୦୩।୦୪ ମଧ୍ୟେ ଅମୃତବେଳା। ଦିବା ୦୧।୧୯ ଗତେ ଘ. ୦୨।୫୫ ମଧ୍ୟେ ରାହୁକାଳ।।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୬ ମେ, ୨୦୨୧



## ଜିଲାରେ ୩୯ ପୋଲିସ କରୋନା ଆକ୍ରାନ୍ତ

**ଝାରସୁଗୁଡ଼ା ଅଫିସ:** ଝାରସୁଗୁଡ଼ା ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିଚାଲିଛି। ଏହାକୁ ମୁକାବିଲା କରିବା ପାଇଁ କରୋନା ଯୋଦ୍ଧା ଭାବେ ଜିଲା ପୋଲିସ ପ୍ରଶାସନ ଦିନରାତି ଏକ କରିଦେଇଛି। ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ, କୋଭିଡ୍ ସଚେତନତା, ଆମାନିଆଙ୍କୁ ସାବାଡ୍ କରିବା ଲାଗି ପଦକ୍ଷେପ ଗ୍ରହଣ କରୁଛି। ଏହିସବୁ କାର୍ଯ୍ୟ କଲାବେଳେ କରୋନାରେ ପୋଲିସମାନେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି। କରୋନା ଦ୍ୱିତୀୟ ଲହରରେ ଜିଲାରେ ଏବେ ସୁଦ୍ଧା ୩୯ଜଣ ପୋଲିସ ଆକ୍ରାନ୍ତ ହୋଇ ଗୃହ ସଂଗରୋଧରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଆକ୍ରାନ୍ତ ହୋଇଥିବା ସମସ୍ତ ପୋଲିସଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଏସ୍‌ପି ବିକାଶ ଚନ୍ଦ୍ର ଦାସଙ୍କ ସୂତ୍ରରୁ ଜଣାପଡିଛି।

## ସଂକ୍ଷେପରେ

### କରୋନାରେ ପୂର୍ବତନ କାଉନସିଲରଙ୍କ ମୃତ୍ୟୁ

**ଦେବଗଡ଼,୫।୫(ଡି.ଏନ୍.ଏ.):** ଦେବଗଡ଼ ପୌରାଞ୍ଚଳ ୩ ନମ୍ବର ୱାର୍ଡର ପୂର୍ବତନ କାଉନସିଲର ତଥା ମଠସାହିସ୍ଥିତ ସ୍ୱର୍ଗତ ବକୁଳୀ ବେହେରାଙ୍କ ପୁଅ ଯାତ୍ରା ବେହେରା (୪୦)ଙ୍କର ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ଯାତ୍ରା ଦୀର୍ଘଦିନ ହେଲା କିଡ୍‌ନୀ ଜନିତ ରୋଗରେ ପୀଡିତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ତେବେ ରାତି ପ୍ରାୟ ୧୦ଟା ୩୦ ରେ ସେ ହଠାତ ଗୁରୁତର ଅସୁସ୍ଥ ହୋଇପଡିଥିଲେ। କିଛି ସମୟ ପରେ ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ତାଙ୍କର କରୋନା ପଜିଟିଭ ଚିହ୍ନଟ ହେବାରୁ ରାତିରେ ତାଙ୍କର ମୃତଦେହକୁ ସ୍ଥାନୀୟ କୋଭିଡ କେୟାର ସେଣ୍ଟରରେ ସଂରକ୍ଷିତ ରଖାଯାଇଥିଲା। ବୁଧବାର ପୂର୍ବାହ୍ନରେ କୋଭିଡ ନିୟମ ପାଳନ ପୂର୍ବକ ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଶବ ସତ୍କାର କରାଯାଇଥିଲା। ଯାତ୍ରାଙ୍କର ସାନଭାଇ ହକର ରାକେଶ ବେହେରା ମୁଖାଗ୍ନି ଦେଇଥିଲେ। ମୃତ ଯାତ୍ରା ଜଣେ ସ୍ୱେଚ୍ଛାସେବୀ ଓ ଯୁବ ସଙ୍ଗଠକ ଭାବେ ଦେବଗଡ ସହରରେ ବେଶ ଜଣାଶୁଣା ଥିଲେ। ତାଙ୍କର ବିୟୋଗରେ ପୂର୍ବତନ ପୌର ପରିଷଦ ଅଧକ୍ଷା ଅନିତା ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

### କରୋନା ସଂକ୍ରମଣରେ ଶିକ୍ଷକଙ୍କ ମୃତ୍ୟୁ

**ବଡ଼ଗାଁ, ୫।୫ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ଅଞ୍ଚଳର ଗୋଟିଏ ପରେ



ଗୋଟିଏ ମୁଣ୍ଡ କରୋନା ନେଇଚାଲିଛି। ଏ ଯାଏଁ ୧୬ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ବୁଧବାର ଆଉ ଜଣଙ୍କ ମୃତ୍ୟୁ ହୋଇଛି। ଚିକିତ୍ସାଧିନ ଅବସ୍ଥାରେ ଜେପି ମେଡିକାଲରେ ବଡଗାଁ, ଚଳନାମୁଣ୍ଡାପଡାର ଶିକ୍ଷକ ନବୀନ ଚନ୍ଦ୍ର ପଟେଲ (୫୬)ଙ୍କ ମୃତ୍ୟୁ ହୋଇଛି । ତାଙ୍କୁ ଗତ ମାସ ୨୨ ତାରିଖ ସୁନ୍ଦରଗଡ କୋଭିଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ରାଉରକେଲା ଜେପି ମେଡିକାଲକୁ ପଠାଯାଇଥିଲା। ସେ ରାଜଗାଙ୍ଗପୁର ରାଷ୍ଟ୍ରୀୟ ବିଦ୍ୟାଳୟରେ ୧୭ ବର୍ଷ ହେଲା ଶିକ୍ଷକତା କରି ଆସୁଥିଲେ। ତାଙ୍କ ବିୟୋଗରେ ବଡଗାଁରେ ଶୋକ ପ୍ରକାଶ ପାଇଛି ।

### ଜିଲା ଛାତ୍ର କଂଗ୍ରେସର ନୂତନ ସଭାପତି ନିଯୁକ୍ତ

**ଦେବଗଡ,୫।୫(ଡି.ଏନ.ଏ):** ଦେବଗଡ ଜିଲା କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟକ୍ରମ ସହ ଦଳକୁ ଅଧିକ ମଜଭୁତ କରିବା



ନିମନ୍ତେ ଜାତୀୟ ଛାତ୍ର କଂଗ୍ରେସର ଅନୁମୋଦନ କ୍ରମେ ଦେବଗଡ ଜିଲା ଛାତ୍ର କଂଗ୍ରେସ ସଭାପତି ଭାବେ ତୀର୍ଥବାସୀ ସାହୁ(ଜିତୁ)ଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଏନେଇ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ରୋଶନ ଲାଲ ବିଟୁ ଆନୁଷ୍ଠାନିକ ଭାବେ ଜିଲା ସଭାପତି ଭାବେ ତୀର୍ଥବାସୀଙ୍କ ନାମ ଘୋଷଣା କରିଛନ୍ତି। ନୂତନ ଭାବେ ଏହି ପଦବୀରେ ନିଯୁକ୍ତି ପାଇବାପରେ ସାହୁ ଜିଲାର ଛାତ୍ର କଂଗ୍ରେସ ସଂଗଠନକୁ ଅଧିକ ସୁଦୃଢ କରିବା ନିମନ୍ତେ ପ୍ରୟାଶ କରିବେ ବୋଲି ପ୍ରକାଶ କରିଥିଲେ।

### ଗଛରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**କୁତ୍ରା, ୫।୫(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଗୁଲେପଡା ଗ୍ରାମର ରାଧା ହେସ(୪୦)ଙ୍କ ମୃତଦେହ ତାଙ୍କ ଘର ନିକଟରେ ଥିବା ଏକ ନିର୍ଗୁନ ଗଛରୁ କୁତ୍ରା ପୋଲିସ ଉଦ୍ଧାର କରିଛି। ସୂଚନାରୁ ଜଣାପଡିଛି ଯେ, ଗତ ରାତିରେ ତାଙ୍କ ଘରେ କିଛି କାରଣ ବଶତଃ ପାରିବାରିକ କଳହ ହୋଇଥିଲା। ତା'ପରେ ରାତିରେ ସମସ୍ତେ ଖାଇପିଇ ଶୋଇବା ପରେ ସେ ତାଙ୍କ ଘରର କିଛି ଦୂରରେ ଥିବା ଏକ ନିର୍ଗୁନ ଗଛରେ ରସି ଲଗାଇ ଆତ୍ମହତ୍ୟା କରିଥଲେ। ସକାଳେ ପରିବାର ବର୍ଗ ଦେଖି କୁତ୍ରା ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ କୁତ୍ରା ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

## ଭିମ୍‌ସାରରେ ଦ୍ୱିତୀୟ କୋଭିଡ୍ ମେଡିକାଲ

# ଘୋଷଣାରେ ସୀମିତ

- ୨୨୫ ବେଡ୍‌ରେ ଚାଲିଛି ଚିକିତ୍ସା
- ପହଞ୍ଚିନାହିଁ ଆବଶ୍ୟକ ସାମଗ୍ରୀ

**ସମ୍ବଲପୁର,୫।୫(ବ୍ୟୁରୋ)**

ସମ୍ବଲପୁରର ବୁର୍ଲାସ୍ଥିତ ଭିମ୍‌ସାରରେ ୩୦୦ ଶଯ୍ୟା ବିଶିଷ୍ଟ ଦ୍ୱିତୀୟ କୋଭିଡ୍ ମେଡିକାଲ ଆରମ୍ଭ ହେବାରେ ବିଳମ୍ବ ହୋଇଛି। ଭିମ୍‌ସାର ପକ୍ଷରୁ ପୂର୍ବରୁ କୋଠା ରହିଥିବା ବେଳେ ଆନୁଷଙ୍ଗିକ ସାମଗ୍ରୀ ପାଇଁ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଘୋଷଣାକୁ ୨୦ଦିନ ବିତିଯାଇଥିଲେ ମଧ ଏହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଫଳରେ ରୋଗୀ ସେବାରେ ବିଳମ୍ବ ହେଉଛି। ଏପଟେ ଜିଲାରେ କୋଭିଡ୍ ସଂକ୍ରମଣ ଅସୀମିତ ଥିବାବେଳେ କୋଭିଡ୍ ମେଡିକାଲ କେବଳ ଘୋଷଣାରେ ସୀମିତ ବୋଲି ସାଧାରଣରେ ଆଲୋଚନା ହେଉଛି।

ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଉଛି। ଏହାସହ ପଡୋଶୀ ଜିଲା ଓ ରାଜ୍ୟର ରୋଗୀମାନେ ମଧ ଭିମ୍‌ସାର ଉପରେ ନିର୍ଭର କରନ୍ତି। ଏଭଳି ପରିସ୍ଥିତିରେ କୋଭିଡ୍ ମେଡିକାଲ ନିର୍ମାଣ ଶେଷ ହୋଇପାରୁ ନାହିଁ। ରାଜ୍ୟ ସରକାର କୋଭିଡ୍ ମେଡିକାଲ ନିର୍ମାଣ କରି ବେଡ୍ ସଂଖ୍ୟା ବୃଦ୍ଧି କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ ଏଠାରେ କାର୍ଯ୍ୟକାରୀ ହୋଇପାରି ନାହିଁ। ଜିଲା ପ୍ରଶାସନ ତଦାରଖରେ ଅବହେଳା କରିବା ଯୋଗୁ ପୂର୍ତ୍ତ ବିଭାଗ ଗୁରୁତ୍ୱ ଦେଉ ନ ଥିବା କୁହାଯାଉଛି। ଭିମ୍‌ସାରରେ ପୂର୍ବରୁ ୧୨୦ ବେଡ୍ ବିଶିଷ୍ଟ କୋଭିଡ୍ ମେଡିକାଲ ରହିଥିଲା। ପରେ ଏହି ସଂଖ୍ୟା ୨୨୫କୁ ବୃଦ୍ଧି କରାଯାଇଥିଲା। ହେଲେ ଏବେ ୨୫୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ଚିକିତ୍ସା କ୍ଷେତ୍ରରେ ମଧ ବିଭିନ୍ନ ସମସ୍ୟା ଦେଖାଦେଉଛି। ଏପରି କି ଗରିବ ଶ୍ରେଣୀର ଲୋକମାନେ ଚିକିତ୍ସିତ ହୋଇ ନ ପାରି ଫେରିଯାଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଦ୍ୱିତୀୟ କୋଭିଡ୍ ମେଡିକାଲ ପାଇଁ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ଅଭାବ ସମସ୍ୟା ଦେଖାଦେବା ଆଶଙ୍କା ଥିବାରୁ ତାହା କିପରି ଦୂର ହେବ ବୋଲି ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ଭିମ୍‌ସାର କୋଭିଡ୍ ମେଡିକାଲ ନୋଡାଲ ଅଫିସର ଡାକ୍ତର ସୁଦର୍ଶନ ପୋଥାଳ କହନ୍ତି, ମେଡିକାଲ କାର୍ଯ୍ୟକ୍ଷମ ହେବାରେ ସାମାନ୍ୟ ବିଳମ୍ବ ହୋଇଛି। ଆଉ କିଛି କାମ ବାକି ଅଛି। ଦୁଇରୁ ତିନିଦିନ ଭିତରେ କାର୍ଯ୍ୟକ୍ଷମ ହୋଇଯିବ। ସୂଚନାଯୋଗ୍ୟ, ଏପ୍ରିଲ ୧୫ ତାରିଖରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଭିମ୍‌ସାର କୋଭିଡ୍ ମେଡିକାଲ ପରିଦର୍ଶନରେ ଆସିଥିଲେ। ସେତେବେଳେ ସେ କହିଥିଲେ, ୧୦ଦିନ ଭିତରେ ମେଡିସିନ ୱାର୍ଡକୁ କୋଭିଡ୍ ମେଡିକାଲରେ ପରିଣତ କରାଯାଇ ଦ୍ୱିତୀୟ କୋଭିଡ୍ ମେଡିକାଲ କାର୍ଯ୍ୟକ୍ଷମ କରାଯିବ। ଏଥିରେ ୫୦ ଆଇସିୟୁ ଓ ୨୫୦ ସାଧାରଣ ବେଡ୍ ରହିବ। ପୂର୍ବରୁ ୧୦୦ ଶଯ୍ୟା ଥିବା କୋଭିଡ୍ ମେଡିକାଲରେ ୫୦ ଆଇସିୟୁ ଓ ୧୭୫ ସାଧାରଣ ବେଡ୍ ରହିବ। ଭିମ୍‌ସାରରେ ଦୁଇ କୋଭିଡ୍ ମେଡିକାଲରେ ମୋଟ ୫୨୫ ବେଡ୍ ରହିବ ବୋଲି କହିଥିଲେ।



ଭିମ୍‌ସାର କୋଭିଡ୍ ମେଡିକାଲ।

## କୁଆଁରମୁଣ୍ଡା ବ୍ଲକ: ଶହେ ଟେଷ୍ଟରୁ ୩୫ ପଜିଟିଭ୍ ଚିହ୍ନଟ

**କୁଆଁରମୁଣ୍ଡା,୫।୫(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏହା ଅଧିନରେ ଥିବା ଅଣ୍ଡାଳି ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ମୋଟ ଶହେ ଜଣଙ୍କର କରୋନା ଟେଷ୍ଟ କରାଯାଇଛି। ସେଥି ମଧ୍ୟରୁ ୩୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଉକ୍ତ ୩୫ ଜଣ ମଧ୍ୟରୁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୫୦ ଜଣଙ୍କ ମଧ୍ୟରୁ ୨୦ ପଜିଟିଭ୍, ଅଣ୍ଡାଳି ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ ୫୦ ଜଣଙ୍କ ମଧ୍ୟରୁ ୧୫ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କୁଆଁରମୁଣ୍ଡାରେ ଚିହ୍ନଟ ହୋଇଥିବା ୨୦ ଜଣଙ୍କ ମଧ୍ୟରୁ ୫ ଜଣ ହେଉଛନ୍ତି ବେଦବ୍ୟାସ ଅଞ୍ଚଳର ବୋଲି କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା.ଶ୍ରୀମନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଟିକା କେନ୍ଦ୍ରରେ ଭିଡ଼ କମାଇବାକୁ ଅନୁରୋଧ

**ସମ୍ବଲପୁର, ୫।୫ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ଗୁରୁବାରଠାରୁ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ କରାଯିବ। ଏଥିରେ ଦ୍ୱିତୀୟ ଡୋଜ୍ ନେବାକୁ ଥିବା ବ୍ୟକ୍ତିଙ୍କୁ ପ୍ରାଥମିକତା ଦିଆଯିବ। ପରେ ପର୍ଯ୍ୟାୟକ୍ରମେ ଅନ୍ୟମାନଙ୍କୁ ମଧ ଟିକା ଦିଆଯିବ। ତେଣୁ ଅଯଥାରେ ଟିକା କେନ୍ଦ୍ରରେ ଭିଡ ନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଜେପି ମାତୃମଙ୍ଗଳ କେନ୍ଦ୍ର ସହ ଅଇଁଠାପାଲି, ଧନୁପାଲି, ମାନେଶ୍ୱର, ଚାଉଁରପୁର, ହୀରାକୁଦ, ବୁର୍ଲା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିକାଦାନ କରାଯିବ। ଏହାସହ ପୂର୍ବଭଳି ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ ଟିକାକେନ୍ଦ୍ର ଖୋଲାଯାଇଛି।

# ପୁଣି ୪ ଗିରଫ, ୧୩ ଆକାଉଣ୍ଟ ଫ୍ରିଜ୍

## ଆଇପିଏଲ୍ ବେଟିଂ ଘଟଣା

- ରାଜନେତାଙ୍କ ପୁଅ, ମୁଖ୍ୟ ବୁକି ଫେରାର
- ପୋଲିସ ବିରୋଧରେ ମାରପିଟ ଅଭିଯୋଗ

**ସମ୍ବଲପୁର,୫।୫(ବ୍ୟୁରୋ)**

ସମ୍ବଲପୁର ପୋଲିସ ଆଇପିଏଲ ବେଟିଂ ଘଟଣାରେ ଆଉ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାନସ ମୁଦ୍ରା, ପ୍ରତିକ ଜଲାନ, ଶୁଭମ୍ ଅହୁଜା ଓ ଅଙ୍କିତ ଚରନିଆ। ପୂର୍ବରୁ ଶୁଭମ୍ ସାହୁ ଓ ଝାରସୁଗୁଡାର ହିତେଶ ସାହୁ ଗିରଫ ହୋଇଥିବାରୁ ସଂଖ୍ୟା ଏବେ ୬ରେ ପହଞ୍ଚିଛି। ଜଣେ ଭାଜପା ନେତାଙ୍କ ପୁଅ ଓ ମୁଖ୍ୟ ବୁକି ଏବେ ମଧ ଫେରାର ଅଛନ୍ତି।

ଅନ୍ୟପଟେ ଗିରଫ ପରେ ପୋଲିସ ମାନସଙ୍କ ସହିତ ଅନ୍ୟ ୩ ଅଭିଯୁକ୍ତଙ୍କୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। ସେ ସମୟରେ ମାନସ ଘରୁ ଉଠାଇ ନେଇ ପୋଲିସ ତାଙ୍କୁ ମାରପିଟ କରିଥିଲା ବୋଲି ବିଚାରପତିଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଚାରପତି ସିଡିଏମ୍‌ଓଙ୍କ ଉପସ୍ଥିତିରେ ଡାକ୍ତରୀ ଟିମ୍ ପୁନଃ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ସଦର ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଅଭିଯୁକ୍ତ ଶୁଭମ୍‌ଙ୍କ ସହ ଲିଙ୍କ୍ ଥିବା ଯୋଗୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉଛି। ଆଗକୁ ମଧ ଗିରଫ ଜାରି ରହିବ। ଭାଜପା ନେତାଙ୍କ ପୁଅ ଓ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲେ ବି ସେମାନେ ଫେରାର ଅଛନ୍ତି। ପୂର୍ବରୁ ମାନସଙ୍କ ଲିଙ୍କ୍ ମିଳି ନ ଥିବାରୁ ଛାଡି ଦିଆଯାଇଥିଲା। ଏବେ ଅନ୍ୟ ୬ଟି ଆକାଉଣ୍ଟ ଯାଞ୍ଚ କରିବା ପରେ ଗିରଫ କରାଯାଇଥିଲା। ପୋଲିସ ପାଖରେ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଠୋସ୍ ପ୍ରମାଣ ରହିଛି। ସୂଚନାଯୋଗ୍ୟ, ଏପ୍ରିଲ ୨୩ ତାରିଖ ରାତିରେ ଜିଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଆଇପିଏଲ ବେଟିଂ ର୍‍ୟାକେଟ ଉପରେ ଚଢାଉ କରି ୨ ଯୁବକଙ୍କୁ ଉଠାଇନେଇଥିଲା। ୪ ଦିନ ଥାନରେ ରଖିବା ପରେ ଜଣେ ଯୁବକଙ୍କୁ ଛାଡିଦେଇଥିଲା। ଶୁଭମ୍ ଓ ହିତେଶଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧ ଲକ୍ଷ ୯୨ ହଜାର ଟଙ୍କା ଓ ଏକ କାର ଜବତ କରିଥିଲା। ଏ ନେଇ ଥାନରେ ଏକ ମାମଲା (ନଂ.୧୯୮/୨୧) ରୁଜୁ ହୋଇଥିଲା।

## ରାଜଗାଙ୍ଗପୁରରେ ନୂଆ କୋଭିଡ୍ ଟେଷ୍ଟିଂ ସେଣ୍ଟର ଆରମ୍ଭ

**ରାଜଗାଙ୍ଗପୁର, ୫।୫ (ଡି.ଏନ.ଏ)**

ରାଜଗାଙ୍ଗପୁରରେ କରୋନାର ପ୍ରକୋପ ଦିନକୁ ଦିନ ବଢୁଥିବାର ଲକ୍ଷ୍ୟ କରି ଚିହ୍ନଟ ପାଇଁ ବୁଧବାର ସହରର ୱାର୍ଡ ନଂ.୧ ଟାଉନ ୟୁପି ସ୍କୁଲରେ ନୂତନ ଭାବେ କୋଭିଡ ଟେଷ୍ଟିଂ ସେଣ୍ଟର ଆରମ୍ଭ ହୋଇଯାଇଛି। ସୂଚନା ଅନୁଯାୟୀ ଗୁରୁବାରଠାରୁ ସହରରେ ଉକ୍ତ ଟେଷ୍ଟିଂ ସେଣ୍ଟର ବ୍ୟତିତ ସହରର ଲିପଲୋଇ, ମଧୁସୂଦନ କଲୋନୀ ଓ ଷ୍ଟେଶନ ପଡାରେ ଟେଷ୍ଟିଂ ଭ୍ୟାନ ଉପସ୍ଥିତ ରହି ଆଣ୍ଟିଜେନ୍ ଟେଷ୍ଟ କରିବ। ବୁଧବାର ଲାଇଫ୍ ସିଏଚସିରୁ ୩୧ ଜଣ, ରାଜଗାଙ୍ଗପୁର ସିଏଚସିରୁ ୫୧ ଜଣ ଓ ଟାଉନ ୟୁପି ସ୍କୁଲରୁ ୨୧ ଜଣ ସମୁଦାୟ ୧୦୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

## ଅମାନିଆଙ୍କୁ ୯ ହଜାର ଜରିମାନା



ରାଜଗାଙ୍ଗପୁର ପୋଲିସ ଦ୍ୱାରା ମୁଖ୍ୟ ଛକରେ ଯାଞ୍ଚ କରାଯାଉଛି।

**ରାଜଗାଙ୍ଗପୁର, ୫।୫ (ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ଲକଡାଉନ ଘୋଷଣା ପରେ ଏହାକୁ କଡାକଡି ଭାବେ ସହରରେ ଲାଗୁ କରିବା ପାଇଁ ରାଜଗାଙ୍ଗପୁର ପୋଲିସ ପ୍ରଶାସନ ଦ୍ୱାରା ମୁଖ୍ୟ ଛକରେ ପୋଲିସ ମୁତୟନ ହୋଇ କଡା ଯାଞ୍ଚ କରାଯାଇଥିଲା। ଯା'ଆସ କରୁଥିବା ପ୍ରତ୍ୟେକ ଗାଡିକୁ କାରଣ ପଚରା ଯାଉଥିଲା । ସହରର ବିଭିନ୍ନ ସ୍ଥାନରେ ନିୟମ ନ ମାନି ବୁଲୁଥିବା ଅମାନିଆଙ୍କ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ରାଜଗାଙ୍ଗପୁର ଏସ୍‌ଡିପିଓ ଡା. ଶଶାଙ୍କ ବେହୁରା ଓ ଥାନା ଅଧିକାରୀ ଗୋକୁଳାନନ୍ଦ ସାହୁ ସହରର ବିଭିନ୍ନ ଛକକୁ ଯାଇ ତଦାରଖ କରୁଥିଲେ। ଅନ୍ୟପଟେ ଜରୁରୀ ସାମଗ୍ରୀ ଦୋକାନ ବ୍ୟତିତ ଅନ୍ୟ ଦୋକାନ ବଜାର ସହ ବନ୍ଦ ରହିଥିଲା ।

# ଶ୍ରମିକ କର୍ମଚାରୀମାନଙ୍କର ସହଯୋଗ ଦ୍ୱାରା ନୂତନ ବେତନ ଚୁକ୍ତିନାମା ପୂରଣ ହୋଇପାରିବ: ରାଉରକେଲା ଶ୍ରମିକ ସଂଘ

**ରାଉରକେଲା ଅଫିସ, ୫।୫**

ଶ୍ରମିକ କର୍ମଚାରୀଙ୍କର ମିଳିତ ସହଯୋଗ, ସମର୍ଥନ ଏବଂ ସମସ୍ତ ଶ୍ରମିକ ସଙ୍ଗଠନର ମିଳିତ ଭାବରେ ଯୋଜନାବଦ୍ଧ କାର୍ଯ୍ୟପନ୍ଥା ଗ୍ରହଣ କରି ଏସଏଆଇଏଲ ମ୍ୟାନେଜମେଣ୍ଟ ଓ କେନ୍ଦ୍ର ଇସ୍ପାତ ମନ୍ତ୍ରଣାଳୟ ଉପରେ ଚାପ ସୃଷ୍ଟି କରି ପାରିଲେ, ନୂତନ ବେତନ ଚୁକ୍ତିନାମା ସମ୍ପନ୍ନ ହୋଇପାରିବ ବୋଲି ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ମତବ୍ୟକ୍ତ କରାଯାଇଛି । ଦୀର୍ଘ ୫୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଆରଏସପି ତଥା ଏସଏଆଇଏଲର ଶ୍ରମିକ କର୍ମଚାରୀଙ୍କର ନୂତନ ବେତନ ଚୁକ୍ତିନାମା ଆଜି ପର୍ଯ୍ୟନ୍ତ ସମ୍ପନ୍ନ ହୋଇପାରି ନାହିଁ। କରୋନା ମହାମାରୀର ପ୍ରଥମ ପାଳି ଓ ଦ୍ୱିତୀୟ ଲହରରେ ମୃତ୍ୟୁବରଣ କରିଥିବା ଶ୍ରମିକ କର୍ମଚାରୀଙ୍କର ପରିବାରର ଜଣେ ଉତ୍ତରାଧିକାରୀଙ୍କ ଅନୁକମ୍ପା ମୂଳକ ନିଯୁକ୍ତି ଓ କ୍ଷତିପୂରଣ ଅର୍ଥରାଶି ପ୍ରଦାନ ପାଇଁ ଦୃଢ଼ଦାବି ଆରଏସଏସ ୟୁନିୟନ ତରଫରୁ କରାଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା ପୂରଣ ହୋଇପାରି ନାହିଁ। ନୂତନ ବେତନ ଚୁକ୍ତିନାମାକୁ ଅବିଳମ୍ବେ ସମ୍ପନ୍ନ କରିବା ଓ ଅନ୍ୟାନ୍ୟ ଦାବି ପୂରଣ ପାଇଁ ଆରଏସଏସ ୟୁନିୟନ ତରଫରୁ ସର୍ବପ୍ରଥମେ ଧର୍ମଘଟ ନୋଟିସ ଗତ ୯ ଏପ୍ରିଲ, ୨୦୨୧ ଦିନ ଆରଏସପିର ସିଇଓ ଓ ଏସଏଆଇଏଲ ଚେୟାରମ୍ୟାନ ତଥା ଅନ୍ୟାନ୍ୟ ସାମ୍ବିଧାନିକ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଥିଲା। ଏହା ପରେ ଅନ୍ୟ ଟ୍ରେଡ ୟୁନିୟନର ବୈଠକ ବିଭିନ୍ନ ଟ୍ରେଡ ୟୁନିୟନର କାର୍ଯ୍ୟାଳୟରେ ହୋଇ ମେ ୭ରେ ଧର୍ମଘଟ କରାଇବା ପାଇଁ ନୋଟିସ ଦିଆଯାଇଥିଲା। କିନ୍ତୁ ବିଏମଏସ (ଆରଆଇକେକେଏସ) ୟୁନିୟନ ଏହି ନିଷ୍ପତ୍ତିରୁ ଓହରି ଯାଇ ଅଲଗା ହୋଇ ମେ ୩ରେ ଧର୍ମଘଟ କରିବା ପାଇଁ ଆରଏସପି ତଥା ଅନ୍ୟ ୟୁନିଟରେ ପ୍ରଚାର ଓ ପ୍ରସାର କରିଥିଲା। କିନ୍ତୁ ଶ୍ରମିକ କର୍ମଚାରୀଙ୍କର ପ୍ରତିବାଦ, ଅସହଯୋଗ ତୀବ୍ର ପ୍ରତିକ୍ରିୟାରେ ବ୍ୟତିବ୍ୟସ୍ତ ହୋଇ ଗତ ୧ ମେ, ୨୦୨୧ ଶ୍ରମିକ ଦିବସ ଦିନ ଧର୍ମଘଟରୁ ଓହରି ଯିବାକୁ ଘୋଷଣା କରିଥିଲେ। ବିଏମଏସ (ଆରଆଇକେକେଏସ)ର ଏଭଳି ଏକଚାଟିଆ ଓ ହାମବଡା ନୀତିକୁ ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ତୀବ୍ର ସମାଲୋଚନା କରାଯିବା ସହିତ ଏହିଭଳି ଆଚରଣ ଶ୍ରମିକ ସମାଜ ଓ ଶ୍ରମିକ ଏକତାପ୍ରତି ବିଶ୍ୱାସଘାତ ଓ ଶ୍ରମିକ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଉଦ୍ଦିଷ୍ଟ ବୋଲି ମତ ପ୍ରକାଶ କରାଯାଇଛି। ଶ୍ରମିକ ସଂଘର କେତେକ ଦାବିର ଯଥାର୍ଥତାକୁ ଉପଲବ୍ଧି କରି ଏସଏଆଇଏଲ ମ୍ୟାନେଜମେଣ୍ଟ ଗତ ମେ୨ ତାରିଖ ୧୧ଟାରେ ଏକ ଭରଚୁଆଲ ବୈଠକ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଏହି ବୈଠକ ଚାଲିଥିବା ସମୟରେ ଓ କୋଭିଡ ପରିଚାଳନା ଉନ୍ନତି ପାଇଁ ଆଲୋଚନା ଚାଲିଥିବା ସମୟରେ ବିଏମଏସର ପ୍ରତିନିଧି ତାଙ୍କର ନିଜର ସଂଗଠନର ବଡିମା ପ୍ରତିପାଦନ କରିବାକୁ ଧର୍ମଘଟ ନୋଟିସ ଉପରେ ଆଲୋଚନା କରିବାକୁ ଚାପ ପ୍ରୟୋଗ କରିଥିଲେ ଓ ବାରମ୍ବାର ବାଧା ଉପୁଜାଉଥିଲେ। ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ ମୁତାବକ ଧର୍ମଘଟର ପ୍ରକ୍ରିୟାରୁ ଓହରି ନଯାଇ ଏହାକୁ ସ୍ଥଗିତ ରଖି ସାମୁହିକ ମୂଳଚାଳ ପ୍ରକ୍ରିୟାକୁ ଯୋରଦାର କରିବାକୁ ଆହ୍ୱାନ ଦେବା ସହିତ ଆଗାମୀ ଦିନରେ ପୁନଶ୍ଚ ମିଳିତ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ସଂଘର ସଭାନେତ୍ରୀ ଡିଏସ ପାଣିକର ଆହ୍ୱାନ ଦେଇଛନ୍ତି ।

## ପୋଲିସର କାର୍ଯ୍ୟାନୁଷ୍ଠାନ ନେଇ ଅସନ୍ତୋଷ

**ବ୍ରଜରାଜନଗର, ୫।୫ (ଡି.ଏନ.ଏ)**

ବ୍ରଜରାଜନଗର ସହରାଞ୍ଚଳରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସାମାଜିକ କର୍ମୀ ରବି ସୋନି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ସରକାର ଦେଇଥିବା ନିର୍ଦ୍ଦେଶାବଳୀ ଆଧାରରେ ଜଣେ ଲୋକ ଘରଠାରୁ ୫ ଶହ ମିଟର ଦୂର ଚାଲି ଚାଲି ଯାଇ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କ୍ରୟ କରିପାରିବ। ହେଲେ ଏଠାରେ କେବଳ ବିଜୁ ପଟ୍ଟନାୟକ ଛକ ପାଖରେ ମାଛ ଓ ପରିବା ହାଟ ରହିଛି। ଅନ୍ୟ କୌଣସି ଯାଗାରେ ପରିବା ହାଟ ନାହିଁ। ଏପରିସ୍ଥଳେ ଗାନ୍ଧୀ ଛକ କିମ୍ବା ହିଲଟପ୍ କଲୋନୀ ଲୋକ ୫ରୁ ୬କି.ମି. କିପରି ଚାଲିକରି ଆସିବେ। ଯଦି କେହି ଗାଡି ଧରି ଆସୁଛନ୍ତି ପୋଲିସ ଛକ ଉପରେ ରହି ଜରିମାନା କାଟୁଛି। ଏପରି କି କର୍ତ୍ତବ୍ୟରତ ଜଣେ ମେଡିକାଲ ଷ୍ଟାଫଠାରୁ ମଧ ଜରିମାନା କାଟୁଥିବା ଦେଖିବାକୁ ମିଳିଛି। ଆଗକୁ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ପୌର ନିର୍ବାହୀ ଅଧିକାରୀ ବିନୟ ପଟେଲ ପ୍ରକାଶ କରିଛନ୍ତି ।

## ବିଧାୟକଙ୍କ ଗାଡ଼ି କାଚ ଭାଙ୍ଗିଲେ ଦୁର୍ବୃତ୍ତ

**ସମ୍ବଲପୁର, ୫।୫(ବ୍ୟୁରୋ)**

ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପୁରୁଣା ଗାଡ଼ି କାଚ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତ। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। କଚେରି ରୋଡ଼ରେ ଥିବା ଭାଜପା କାର୍ଯ୍ୟାଳୟରେ ଗାଡି ଛିଡା ହୋଇଥିଲା। ଅପରାହ୍ନରେ କେହି ନ ଥିବାବେଳେ ଏଭଳି ଘଟଣା ଘଟିଛି। ଭାଜପା ଜିଲା ସଭାପତି ଗିରିଶ ପଟେଲ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ବିଧାୟକ ମିଶ୍ର କହିଛନ୍ତି ଯେ, ମୋ ଗାଡ଼ିକୁ କିଏ କାହିଁକି ଭାଙ୍ଗିବ। ଅଫିସ ଭିତରେ ଗାଡି ଥିଲା। ଖେଳୁଥିବା ସମୟରେ କେହି ପିଲା ପଥର ମାରି ଦେଇଥିବ।

## ଜିଲାପାଳଙ୍କୁ ଭେଟିଲେ ଓକିଲ ସଂଘ ପ୍ରତିନିଧି

**ସୁନ୍ଦରଗଡ଼,୫।୫(ଡି.ଏନ.ଏ.)**

ସୁନ୍ଦରଗଡ଼ ଏନ୍‌ଟିପିସି ହସ୍‌ପିଟାଲରେ ଅବ୍ୟବସ୍ଥା ଓ ଏହାର ପ୍ରତିକାର ଦାବିରେ ମଙ୍ଗଳବାର ଜିଲାପାଳଙ୍କୁ ଓକିଲ ସଂଘର ପ୍ରତିନିଧି ଦଳ ଭେଟି ଆଲୋଚନା କରିଛନ୍ତି। ସଂଘର ସଭାପତି ସୁକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ଏନଟିପିସି ମେଡିକାଲ କଲେଜ ଓ ହସ୍‌ପିଟାଲ ପ୍ରତିଷ୍ଠା ହେବା ପରେ ଉନ୍ନତମାନ ସ୍ୱାସ୍ଥ୍ୟସେବା ପାଇବା ପାଇଁ ସୁନ୍ଦରଗଡ ନୁହଁ ସମଗ୍ର ପଶ୍ଚିମ ଓଡ଼ିଶାବାସୀଙ୍କ ମଧରେ ଅନେକ ଆଶା ଥିଲା। କରୋନା ସଙ୍କ୍ରମଣ ବୃଦ୍ଧି ପରେ ଏଠାରେ କୋଭିଡ୍ କେୟାର ସେଣ୍ଟର ଖୋଲାଯାଇଛି। କିନ୍ତୁ ବର୍ତ୍ତମାନ କରୋନା ସଂକ୍ରମଣ ଅଣାୟତ୍ତ ସ୍ଥିତିରେ ପହଞ୍ଚି ଥିବାବେଳେ ଏଠାକୁ ଆସୁଥିବା କରୋନା ସକ୍ରମିତ ରୋଗୀଙ୍କୁ ଠିକ ଭାବରେ ଚିକିତ୍ସା ମିଳୁ ନାହିଁ। ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଗୁରୁତର ଭାବେ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ବରିଷ୍ଠ ଆଇନଜିବୀ ଅଶୋକ କୁମାର ଦାଶ, ଧର୍ମେଶ ପଟେଲ, ନରେଶ ନାଏକ ଓ ପ୍ରଣବ ସିଂ ସାମିଲ ଥିଲେ।

## ଅମାନିଆ ଗାଡ଼ି ଚାଳକଙ୍କ ଠାରୁ ୨୧ ହଜାର ଜରିମାନା ଆଦାୟ

**କୁଆଁରମୁଣ୍ଡା,୫।୫(ଡି.ଏନ.ଏ)**

ଲକ୍‌ଡାଉନ ସମୟରେ କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥରେ ଚଳାଚଳ କରୁଥିବା ଅମାନିଆ ଗାଡି ଚାଳକଙ୍କ ଠାରୁ ବୁଧବାର ଫାଣ୍ଡି ପୋଲିସ ଜରିମାନା ଆଦାୟ କରିଛି। ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମଙ୍କୁ ନେଇ ଗଠିତ ଏକ ପୋଲିସ୍ ଟିମ୍ ଲକଡାଉନ ସମୟରେ ୧୪୩ ନମ୍ବର ଜାତୀୟ ରାଜପଥର ଯମୁନାନାକି, କୁଆଁରମୁଣ୍ଡା ବଜାର,ବଜରଙ୍ଗ ଛକ, ଗୋବିରା ଛକ ଅଞ୍ଚଳରେ ପାଟ୍ରୋଲିଂ କରି ବାଇକ୍, ଅଟୋ, କାର ଚାଳକମାନଙ୍କୁ ଅଟକାଇ ସେମାନଙ୍କ ଗାଡି କାଗଜପତ୍ର ସହ ଯାତାୟାତ କରିବାର କାରଣ ସମ୍ପର୍କରେ ଯାଞ୍ଚ କରିଥିଲେ ।ଏହି ୨୦ରୁ ଊର୍ଦ୍ଧ୍ୱ ଅମାନିଆଙ୍କ ଚାଳକଙ୍କ ଠାରୁ ପ୍ରାୟ ୨୧ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଆଗାମୀ ଦିନରେ ଖିଲାପ କଲେ ଆହୁରି ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେମାନଙ୍କୁ ଫାଣ୍ଡି ଅଧିକାରୀ ଓରାମ ତାଗିଦ୍ କରିଛନ୍ତି। ସେହିପରି ୧୪୩ ନମ୍ବର ଜାତୀୟ ରାଜପଥର ତହସିଲ ଛକରେ ଥିବା ଏକ ହୋଟେଲ ଅପରାହ୍ନ ସମୟରେ ଖୋଲା ରହିଥିବା ଦେଖି ଫାଣ୍ଡି ଅଧିକାରୀ ଓରାମ ତୁରନ୍ତ ହୋଟେଲ ବନ୍ଦ କରିବାକୁ କହିବା ସହ ହୋଟେଲ ମାଲିକଙ୍କୁ ମଧ୍ୟ କଡ଼ା ତାଗିଦ୍ କରିଥିବା ଜଣାପଡ଼ିଛି।

# ପରିବାରକୁ ନ ଜଣାଇ ମୃତଦେହ ଦାହ

- ୧୦ ଦିନ ପରେ ଜାଣିଲେ
- କରୋନାରେ ମୃତ୍ୟୁର ଦୁଃଖଦ ପରିଣତି

**ବଡ଼ଗାଁ, ୫।୫ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ରାଏଡିହି ଗ୍ରାମର ଜଣେ ମହିଳା ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ସୁନ୍ଦରଗଡ ସରକାରୀ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହେଉଥିଲେ। ଏହି ସମୟରେ କରୋନା ପଜିଟିଭ ଚିହ୍ନଟ ହେବାରୁ ସ୍ଥାନୀୟ କୋଭିଡ ମେଡିକାଲରେ ଭର୍ତ୍ତି କରିଥିଲେ। ଏହାପରେ ପରିବାର ଲୋକେ ଫୋନରେ ଯୋଗାଯୋଗ କରିବାରୁ ରୋଗୀ ଭଲ ଅଛନ୍ତି ୩୦ ତାରିଖ ଆସି ନେଇଯିବ କହିବାରୁ ପରିବାର ଲୋକେ ସେ ଦିନ କୋଭିଡ ମେଡିକାଲରେ ପହଞ୍ଚିଥିଲେ। କିନ୍ତୁ ଦୁର୍ଭାଗ୍ୟ କୋଭିଡ ମେଡିକାଲରେ ପେସେଣ୍ଟ ୧୯ ତାରିଖରେ ମୃତ୍ୟୁ ହେଲାଣି, ଆମେ ଫୋନ କରିଥିଲୁ ତମେ ଉଠାଇଲ ନାହିଁ କହି ଫେରାଇ ଦେଇଥିଲେ। କରୋନାରେ ମୃତ୍ୟୁର ଏଭଳି ଦୁଃଖଦ ପରିଣତି ରାଏଡିହି ଗ୍ରାମର କାଟି କିସାନଙ୍କ ପରିବାରକୁ ଭୋଗିବାକୁ ପଡିଛି । ଘଟଣା ହେଲା କାଟି କିସାନଙ୍କ ସ୍ତ୍ରୀ ଚନ୍ଦ୍ରାଙ୍କ (୫୦) କାଶ, ଜ୍ୱର ହେବାରୁ ସୁନ୍ଦରଗଡ ଡାକ୍ତରଖାନା ଗତ ମାସ ୧୪ ତାରିଖ ନେଇଥିଲେ । ୧୫ ଓ ୧୭ ତାରିଖ ଟିବି ୱାର୍ଡରେ ତାଙ୍କୁ ରଖାଯାଇଥିଲା। ୧୭ ତାରିଖ କଫ ପରୀକ୍ଷା ପରେ କରୋନା ପଜିଟିଭ ଚିହ୍ନଟ ହେବାରୁ ସେ ଦିନ କୋଭିଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏଡିମିଟ କରି ପରିବାର ଲୋକେ ଘରକୁ ଫେରିବା ପରେ ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ୩ ଦିନ ଫୋନରେ ମୃତକ ଚନ୍ଦ୍ରାଙ୍କ ଝିଅ ବାସମତୀ ଯୋଗାଯୋଗ କରି ବୁଝିବାରୁ ଜଣେ ନର୍ସ ତମ ପେସେଣ୍ଟ ଭଲ ଅଛନ୍ତି ୩୦ ତାରିଖ ଆସି ନେଇଯିବ କହିଥିଲେ । ସେ ଅନୁଯାୟୀ ୩୦ ତାରିଖ ପରିବାର ଲୋକେ କୋଭିଡ ମେଡିକାଲକୁ ଯାଇ କହିବାରୁ ୧୯ ତାରିଖରୁ ତମ ପେସେଣ୍ଟଙ୍କ ମୃତ୍ୟୁ ହୋଇଥିବା କହିଥିଲେ। ଏ ନେଇ କାଟି କିସାନ ବଡଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ୧୯ ତାରିଖରୁ ମୃତ୍ୟୁ ପରେ ମଧ ଘର ଲୋକଙ୍କୁ ରୋଗୀ ଭଲ ଅଛନ୍ତି ୩୦ ତାରିଖ ଆସି ନେଇଯିବ କହିବା ମେଡିକାଲରେ ଚାଲିଥିବା ଖାମଖିଆଲି କାର୍ଯ୍ୟକଳାପକୁ ପ୍ରମାଣିତ କରୁଛି। ବର୍ତ୍ତମାନ ଲକ୍ ଡାଉନ ଯୋଗୁଁ କେହି କୁଆଡେ ଯାଇ ପାରୁନଥିବା ବେଳେ ରୋଗୀଙ୍କ ସ୍ୱାସ୍ଥ୍ୟ ବାବଦରେ ବିଶେଷ କରି ମୃତ୍ୟୁ ହେଲେ ରୋଗୀଙ୍କ ଗାଁ ନିକଟ ଥାନା କିମ୍ବା ଡାକ୍ତରଖାନାକୁ ଜଣାଇ ସୁବ୍ୟବସ୍ଥା କରାଯାଇପାରିବ। କିନ୍ତୁ କରୋନା ଦ୍ୱିତୀୟ ଲହରକୁ ମାସେ ବିତିଗଲା ପରେ ମଧ ବ୍ୟବସ୍ଥାରେ ସୁଧାର ଆସି ପାରିନାହିଁ ।

**ଲକ୍‌ଡାଉନ: ରାସ୍ତାଘାଟ ଶୁନଶାନ୍**

ବାଉଁଶୁଣୀ,(ଡି.ଏନ.ଏ.): ବୁଧବାରଠାରୁ ୧୪ ଦିନିଆ ଲକ୍‌ଡାଉନ ଆରମ୍ଭ ହୋଇଥିବା ବେଳେ ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳର ରାସ୍ତାଘାଟ, ଛକ, ବଜାର ଶୁନ୍‌ଶାନ ହୋଇ ଯାଇଥିବା ଦେଖିବାକୁ ମିଳିଛି । କେତେକ ମାଲବାହୀ ଗାଡି ଓ ଜରୁରୀ ସେବାରେ ନିୟୋଜିତ ବ୍ୟକ୍ତିମାନେ ଯିବା ଆସିବା କରୁଥିବାରୁ ପରିବେଶ ଖାଁ ଖାଁ ଲାଗୁଥିଲା। ପନିପରିବା, ମାଛ, ମାଂସ ଓ ତେଜରାତି ଦୋକାନ ମଧ୍ୟାହ୍ନ୧୨ଟା ଯାଏ ଖୋଲାଥିବାରୁ ଲୋକେ ନିଜ ଆବଶ୍ୟକ ସାମଗ୍ରୀ କ୍ରୟ କରିଥିଲେ। ତେବେ କେତେକ ସ୍ଥାନରେ କୋଭିଡ୍ ଗାଇଡ ଲାଇନ ଖୁଲାମଖୁଲା ଉଲ୍ଲଂଘନ କରାଯିବାର ଦେଖିବାକୁ ମିଳିଥିଲା। ସେହିପରି ଗ୍ରାମାଞ୍ଚଳର ମୁଖ୍ୟ ରାସ୍ତା ଓ ଛକଗୁଡିକରେ ଲୋକ ଗହଳି ଦେଖିବାକୁ ମିଳୁଛି ।

# ଧାନ ଆସିଲା, ଏଣ୍ଟ୍ରି ହୋଇନି

**ବରଗଡ଼ ଅଫିସ୍/ଅତାବିରା,୫।୫**


ଗୋଡ଼ଭଗା ମଣ୍ଡିରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରୁଛନ୍ତି ।

- ବରଗଡ ଜିଲାରେ ଶୁଭାରମ୍ଭରେ ସୀମିତ ଧାନ ସଂଗ୍ରହ
- ଏଥର ୧୧୦ ମିଲର୍ସ ସାମିଲ
- ୪୦ଲକ୍ଷ କୁଇଣ୍ଟାଲ ଟାର୍ଗେଟ୍

ବରଗଡ଼ ଜିଲାରେ ବୁଧବାରଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଜିଲାର ଅତାବିରା, ବରଗଡ଼, ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନରେ ରହିଥିବା ମଣ୍ଡିଗୁଡ଼ିକ ଖୋଲିଛି। ଅତାବିରା ଆରଏମସି ଅଧୀନ ଗୋଡ଼ଭଗା ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରାଯାଇଛି। ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ବିଭାଗୀୟ ଅଧିକାରୀ ତଥା ଡିଆରସିଏସ ଭକ୍ତବନ୍ଧୁ ସାହୁ, ଜିଲା ଯୋଗାଣ ଅଧିକାରୀ ଦାଶରଥୀ ସୋରେନ, ସହକାରୀ ଯୋଗାଣ ଅଧିକାରୀ ସଞ୍ଜୁ ପ୍ରଧାନ, ଯୋଗାଣ ନିରୀକ୍ଷକ ବିଶ୍ୱରଞ୍ଜନ ସାହୁ, ଆରଏମସି ସମ୍ପାଦକ ପ୍ରଦୀପ ବେସନଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ତେବେ ଶୁଭାରମ୍ଭରେ ଧାନ ସଂଗ୍ରହ ସୀମିତ ରହିଛି। ଗୋଡ଼ଭଗା ମଣ୍ଡିକୁ ଜଣେ ଚାଷୀଙ୍କ ୧୪୦ ପ୍ୟାକେଟ୍ ଧାନ ବିକ୍ରି ପାଇଁ ଆସିଥିବା ମଣ୍ଡି ଇନଚାର୍ଜ ଯାମିନୀ ଦାଶ କହିଛନ୍ତି। ତେବେ ଉକ୍ତ ଧାନ ବିକ୍ରି ହେବା ତ ଦୂରର କଥା ତାହା ସରକାରୀ କାଗଜାତ୍‌ରେ ଏଣ୍ଟ୍ରି ହୋଇ ପାରିନାହିଁ। ଅନୁରୂପଭାବେ ଅତାବିରା ଆରଏମସି ଅଧିନ ଗୌଡ଼ଟିକ୍ରା ମଣ୍ଡିକୁ ୪ଜଣ ଚାଷୀଙ୍କ ୮୧୮ ପ୍ୟାକେଟ୍ ଧାନ ଆସିଛି ବୋଲି ସ୍ଥାନୀୟ ମଣ୍ଡି ଇନଚାର୍ଜ କେରୁ ପାଣ୍ଡେ କହିଛନ୍ତି। କିନ୍ତୁ ଉକ୍ତ ଧାନ ମଧ୍ୟ ସରକାରୀ କାଗଜାତ୍‌ରେ ଏଣ୍ଟ୍ରି ହୋଇ ପାରିନାହିଁ। ଏ ସମ୍ପର୍କରେ ଅତାବିରା ଆରଏମସି ସମ୍ପାଦକ ବେସନଙ୍କୁ ପଚାରିବାରୁ ମଣ୍ଡିକୁ ଧାନ ଆସିଛି, କିନ୍ତୁ କାଗଜପତ୍ର ପ୍ରସ୍ତୁତ ହୋଇ ନଥିବା ଯୋଗୁ ତାହା ଏଣ୍ଟ୍ରି ହୋଇପାରି ନ ଥିବା କହିଥିଲେ। ସେହିପରି ଅତାବିରା ଯୋଗାଣ ନିରୀକ୍ଷକ କହିଛନ୍ତି ପ୍ୟାକ୍ସ ଏଥର ଅନଲାଇନ ମାଧ୍ୟମରେ ମଣ୍ଡିକୁ ଆସୁଥିବା ଧାନ ଏଣ୍ଟ୍ରି କରିବ। ଟୋକନରେ ନିର୍ଦ୍ଧାରିତ ପରିମାଣ ଅନୁସାରେ ତାକୁ ଏଣ୍ଟ୍ରି କରାଯିବ ବୋଲି ସେ କହିଥିଲେ ।

ମଣ୍ଡିଗୁଡ଼ିକରେ କେବଳ କାଗଜପତ୍ର ପ୍ରସ୍ତୁତ ହୋଇନାହିଁ ତାହା ନୁହେଁ ଧାନ ବିକ୍ରି ପାଇଁ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଅନେକ ଚାଷୀଙ୍କୁ ଟୋକନ ଯୋଗାଇ ପାରି ନାହାନ୍ତି। ସେହିପରି କୋଭିଡ୍ କଟକଣା ମଧ୍ୟ ଧାନ ଅମଳ, ସଂଗ୍ରହ ପ୍ରକ୍ରିୟାକୁ ପ୍ରଭାବିତ କରିଛି । କୃଷି ଶ୍ରମିକ ଅଭାବ ଯୋଗୁ ଚାଷୀଙ୍କ ଅମଳ ଅନ୍ୟବର୍ଷ ତୁଳନାରେ ଏଥର ଧିମେଇ ଯାଇଛି । ଫଳରେ ଧାନ ଅମଳ ତଥା ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଉପୁଜିଥିବା ଏଭଳି ସ୍ଥିତି ଆଗକୁ ଆହୁରି ଜଟିଳ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବରଗଡ଼ ବ୍ଲକ ଗାଇସୀମାର ଚାଷୀ ନିରଞ୍ଜନ ପ୍ରଧାନ ବର୍ତ୍ତମାନ ସୁଦ୍ଧା ତାଙ୍କୁ ଟୋକନ ମିଳି ନଥିବା କହିଛନ୍ତି। ସେହିପରି କଲାପାଣିର ଅନ୍ୟଜଣେ ଚାଷୀ ଏକାଦଶିଆ ସାହୁ ମଧ୍ୟ ସମାନ କଥା କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶଙ୍କୁ ପଚାରିବାରୁ ବୁଧବାର ଗୋଡ଼ଭଗାରୁ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି। ଏଥର ଜିଲାର ୧୧୦ ମିଲର୍ସଙ୍କୁ ଧାନ କିଣାବିକାରେ ସାମିଲ କରାଯାଇଛି। ୪୦ଲକ୍ଷ କୁଇଣ୍ଟାଲର ଟାର୍ଗେଟ୍ ଆସିଛି। ଧାନ କିଣାବିକା ସ୍ୱାଭାବିକ ଭାବେ ଚାଲିବ ବୋଲି ସେ କହିଥିଲେ।

# ୪୮ ଘଣ୍ଟା ବିତିଲା, ହତ୍ୟାକାରୀ ଧରାପଡ଼ିଲେନି

**ସୋନପୁର,୫।୫(ନି.ପ୍ର.)**


ବାବା କୃଷ୍ଣ ଚିନ୍ତନ ଦାସ(ଫାଇଲ ଫଟୋ)।

**ରାଧାକୃଷ୍ଣ ଆଶ୍ରମ ମୁଖ୍ୟଙ୍କୁ ଗଳା କାଟି ହତ୍ୟା ଘଟଣା**

ସୁବର୍ଣ୍ଣପୁର ଜିଲା ସୋନପୁର ଥାନା ବିଶିମୁଣ୍ଡା ରାଧାକୃଷ୍ଣ ଆଶ୍ରମ ମୁଖ୍ୟ ବାବା କୃଷ୍ଣ ଚିନ୍ତନ ଦାସ(୪୯)ଙ୍କୁ ଗଳାକାଟି ହତ୍ୟା କରାଯିବାର ୪୮ ଘଣ୍ଟା ବିତିଥିଲେ ମଧ ହତ୍ୟାକାରୀ ଏଯାଏ ଧରି ପଡିନାହିଁ । ଏ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ବ୍ୟବଚ୍ଛେଦ ରିପୋର୍ଟ ଏ ପର୍ଯ୍ୟନ୍ତ ଆସି ନ ଥିବାରୁ ତଦନ୍ତରେ ବାଧା ସୃଷ୍ଟି ହୋଇଛି। ବାବା କୃଷ୍ଣ ଚିନ୍ତନଙ୍କୁ ରବିବାର ବିଳମ୍ବିତ ରାତିରେ ହତ୍ୟା କରା ଯାଇଥିଲା। ଆଶ୍ରମ ବାରଣ୍ଡାରେ ଶୋଇଥିବା ବେଳେ ତାଙ୍କ ଗଳା କାଟି ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଖବରପାଇ ସୋମବାର ସକାଳେ ପୋଲିସ ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରିଥିଲା। ସୋନପୁର ବ୍ଲକ ବୈଦ୍ୟନାଥ ଗ୍ରାମର କହ୍ନେଇ ଚରଣ ମିଶ୍ର ଗତ ୭ ବର୍ଷ ହେବ ବିଶିମୁଣ୍ଡା ଫୁଟବଲ ପଡିଆ ନିକଟରେ ଆଶ୍ରମ କରି ବାବା କୃଷ୍ଣ ଚିନ୍ତନ ଦାସ ନାମରେ ପରିଚିତ ହୋଇ ରହି ଆସୁଥିଲେ । ଅବିବାହିତ ଥିବାରୁ ଏକୁଟିଆ ରହୁଥିଲେ। ତାଙ୍କର ଆଖପାଖ ଅଞ୍ଚଳରେ ଖ୍ୟାତି ଥିଲା। ସେ ନୂତନ ଭାବେ ଏକ ଭବ୍ୟ ରାଧାକୃଷ୍ଣ ମନ୍ଦିର ଆଶ୍ରମ ପରିସରରେ ନିର୍ମାଣ କରୁଥିଲେ। ତାଙ୍କୁ କାହିଁକି ଦୁର୍ବୃତ୍ତମାନେ ହତ୍ୟା କଲେ ତାର କାରଣ ସ୍ପଷ୍ଟ ହୋଇପାରିନି। ସମ୍ପତ୍ତି ଲୋଭରେ ବାବାଙ୍କୁ ହତ୍ୟା କରା ଯାଇଥିବା ସମର୍ଥକମାନେ ଅଭିଯୋଗ କରିଛନ୍ତି। ବିଶିମୁଣ୍ଡା ସରପଞ୍ଚ ମଧୁସୂଦନ ଓତାଙ୍କ ରିପୋର୍ଟ ମୂଳେ ସୋନପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା ଚାଲିଛି। ଖୁବଶୀଘ୍ର ହତ୍ୟାକାରୀଙ୍କୁ ଗିରଫ କରାଯିବ ବୋଲି ସୋନପୁର ଆଇଆଇସି ପୁଷ୍ପେନ୍ଦୁ ସାଗର କହିଛନ୍ତି।

## ସଂକ୍ଷେପରେ

### ବାଉଁଶୁଣୀ ଅଞ୍ଚଳରେ ଗୁଟଖା କଳାବଜାର

**ବାଉଁଶୁଣୀ,୫।୫(ଡି.ଏନ.ଏ.):** ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳରେ ଲକ୍‌ଡାଉନର ସୁଯୋଗ ନେଇ ଗୁଟଖା ବ୍ୟବସାୟୀ ଖାଉଟିମାନଙ୍କୁ ଚଡ଼ା ଦରରେ ଗୁଟକା ବିକ୍ରି କରୁଛନ୍ତି । ଯେଉଁ ଗୁଟଖା ୫ ଟଙ୍କାରେ ବିକ୍ରି ହେବା କଥା, ତାହା ୧୫ ଟଙ୍କାରେ ବିକ୍ରି ହେଉଛି । ବ୍ୟବସାୟୀମାନେ ବାହାରୁ ମାଲ ପରିବହନ ହୋଇ ପାରୁ ନ ଥିବା ଆଳ ଦେଖାଇ ଦରବୃଦ୍ଧି କରିଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। କେତେଜଣ ବ୍ୟବସାୟୀ ଗୁଟଖା, ସିଗାରେଟ ପ୍ରଭୃତି ଗୋଦାମରେ ଗଚ୍ଛିତ ରଖି ଲକ୍‌ଡାଉନ ସମୟରେ ତାର ଫାଇଦା ନେଉଥିବା ଖାଉଟିମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ଜିଲା ପ୍ରଶାସନ ଚଡ଼ା ଦରରେ ବିକ୍ରି କରୁଥିବା ବ୍ୟବସାୟୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଖାଉଟିମାନେ ଦାବି କରିଛନ୍ତି ।

### ଭବାନୀପାଟଣାରେ ନୂତନ ତହସିଲଦାରଙ୍କ ଯୋଗଦାନ

**ଭବାନୀପାଟଣା, ୫।୫ (ଡି.ଏନ.ଏ.):** ବରିଷ୍ଠ ଓଏଏସ୍ ଅଧରକାରୀ ଉପେନ୍ଦ୍ର ଲୁହା ଗତ ୩ ତାରିଖରେ ଭବାନୀପାଟଣା ତହସିଲଦାର ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବତନ ତହସିଲଦାର ଖିରୋଦ ବିହାରୀ ଭାରତ ନାଗଙ୍କଠାରୁ ଉପେନ୍ଦ୍ର ଲୁହା ଭବାନୀପାଟଣା ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତହସିଲ ଅଫିସର ସମସ୍ତ କର୍ମଚାରୀ ନୂତନ ତହସିଲଦାର ଲୁହାଙ୍କୁ ସ୍ୱାଗତ କରିବା ସହିତ ପୂର୍ବତନ ତହସିଲଦାର ନାଗଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା ଜଣାଇଥିଲେ।

### ପଦ୍ମପୁର ସହରାଞ୍ଚଳରେ ଯାଞ୍ଚ କଡ଼ାକଡି

**ପଦ୍ମପୁର, ୫।୫ (ଡି.ଏନ.ଏ.):** ବୁଧବାର ଠାରୁ ସାରା ରାଜ୍ୟରେ ୧୪ ଦିନିଆ ଲକ୍‌ଡାଉନ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ପଦ୍ମପୁର ସହରାଞ୍ଚଳର ବିଭିନ୍ନ ଛକରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯାଇଛି । ପଦ୍ମପୁର ଉପଜିଲାପାଳ ତ୍ରିଲୋଚନ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯାଞ୍ଚ କାର୍ଯ୍ୟକ୍ରମ ଚାଲୁ ରହିଛି । ସ୍ଥାନୀୟ ତହସିଲଦାର ସଞ୍ଜନ କୁମାର ସେଠ, ସହକାରୀ ଜିଲାପାଳ ଦିପ୍ତୀମୟୀ ଭୁଏ, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟନ୍ତ ସାହୁ ଏବଂ ପୋଲିସ ବିଭାଗ ତରଫରୁ ଛକଗୁଡିକରେ ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଛି । ସରକାରଙ୍କ ନିୟମ ଅନୁଯାୟୀ କେବଳ ଅତ୍ୟାବଶ୍ୟକ ସେବାକୁ ଛାଡି ଅନ୍ୟାନ୍ୟ ବ୍ୟବସାୟିକ ଅନୁଷ୍ଠାନ, ଯାନବାହାନ ଚଳାଚଳ ବନ୍ଦ ରହିଛି ।

### ରେଳ ଲାଇନରୁ ମୃତଦେହ ଜବତ

**କଣ୍ଟାବାଞ୍ଜି, ୫।୫(ଡି.ଏନ.ଏ.):** ଟିଟିଲାଗଡ-ରାୟପୁର ପୂର୍ବତଟ ରେଳ ସେକ୍ସନ ଅଧୀନ କଣ୍ଟାବାଞ୍ଜି ଓ ମୁରିବାହାଲ ମଧରେ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତଦେହ କଣ୍ଟାବାଞ୍ଜି ରେଲବାଇ ପୋଲିସ ଉଦ୍ଧାର କରିଛି। ମୃତକଙ୍କ ବୟସ ଆନୁମାନିକ ୫୦ବର୍ଷ ହେବ। ମୃତକଙ୍କ ପରିଚୟ ମିଳିନାହିଁ। ଜିଆରପି ସ୍ଥାନୀୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରିଛି ।

### ସାମାଜିକ କର୍ମୀଙ୍କ ପରଲୋକ

**ଲୋଇସିଂହା, ୫।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଡାର ପଞ୍ଚାୟତ ଅନ୍ତର୍ଗତ ବୁରୋମୁଣ୍ଡା ଗ୍ରାମର ପୁରନ୍ଦର ବଗର୍ତ୍ତି(୩୪)ଙ୍କ ବୁଧବାର ପରଲୋକ ହୋଇଯାଇଛି । ସେ ଗତ ୧୫ ଦିନ ହେଲା ନିମୋନିଆରେ ଆକ୍ରାନ୍ତ ହୋଇଥିଲେ। ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅନେକ ଥର ରକ୍ତଦାନ କରି ସେ ଅଞ୍ଚଳରେ ନାମ କମାଇ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ଖବରଦାତାଙ୍କ ଭ୍ରାତୃ ବିୟୋଗ

**ଦେଓଗାଁ,୫।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ଧରିତ୍ରୀ ଖବରଦାତା



ଶରତ ମିଶ୍ରଙ୍କ ବଡଭାଇ ମଳୟ ମିଶ୍ରଙ୍କ ବୁଧବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୦ବର୍ଷ ହୋଇଥିଲା। ସେ ସଦର ବ୍ଲକ କୁଡାସିଂହାରେ ରହୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ମଝିଆ ପୁଅ ମୁନୁ ଓ ପତ୍ନୀ ସୁଭାଷିନୀ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ନିଶା କାରବାର ବନ୍ଦ ଦାବିରେ ସ୍ମାରକପତ୍ର

**ବରଗଡ଼ ଅଫିସ୍, ୫।୫**


ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ବରଗଡ଼ ଜିଲା ଭେଡ଼େନ ଥାନା ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ସେହିପରି ଏହି ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ସଟ୍ଟା, ଜୁଆ ଆଦି କାରବାର ଚାଲୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡୋଲାମଣି କ୍ଷେତି, ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭେଡ଼େନ ଥାନା ଅନ୍ତର୍ଗତ ଥୁଆପାଲି, ରେମଣ୍ଡା ଆଦି ଅଞ୍ଚଳରେ ଏଭଳି ଅବାଧରେ ମଦ, ଗଞ୍ଜେଇ, କଫ ସିରଫ, ଜୁଆ କାରବାର ଚାଲୁଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ପୋଲିସ ଅଧିକାରୀଙ୍କ ପାଖରେ ଅଭିଯୋଗ କଲେ ସୁଦ୍ଧା କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ କରି ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ଆସନ୍ତା ୧୫ଦିନ ମଧ୍ୟରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି।

# ଜୁନାଗଡ଼ ସହର: ୫ ସ୍ଥାନରେ ପରିବା ବିକ୍ରି ପାଇଁ ଅନୁମତି

**ଲକ୍‌ଡାଉନର ପ୍ରଥମ ଦିନ**

**ଜୁନାଗଡ, ୫।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ୧୪ ଦିନିଆ ଲକ୍‌ଡାଉନ କଟକଣାକୁ କଡାକଡି କରାଯାଇଛି। ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟାଯାଏ ଅତ୍ୟାବଶକ ଦୋକାନକୁ ଛାଡି ସମସ୍ତ ଦୋକାନ ବଜାର ଏବଂ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଜୁନାଗଡ ସହରରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସହରର ୫ଟି ସ୍ଥାନରେ ପରିବା ବିକ୍ରି କରିବା ପାଇଁ ଅନୁମତି ଦିଆଯାଇଥିଲା। ସହରର ପିଆଇ କଲେଜ ପରିସର, ଏନଏସି ଗେଷ୍ଟ ହାଉସ, ଲକ୍ଷ୍ମୀ ସାଗରପଡା, ଲଙ୍କେଶ୍ୱରୀ ମନ୍ଦିର ନିକଟ ବଙ୍ଗଳାଛକ ଓ କନକଦୁର୍ଗା ମନ୍ଦିର ନିକଟରେ ବସି ପରିବା ବିକ୍ରି କରିଥିଲେ। ସେହିପରି ଲକ୍ଷ୍ମୀସାଗର ହୁଡାରେ ମାଛ ବିକ୍ରି ପାଇଁ କୁହାଯାଇଥିଲା। ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇ, ଥାନାଧିକାରୀ ଉତ୍ତମ କୁମାର ସାହୁ, ଏନଏସି କର୍ତ୍ତୃପକ୍ଷ ପ୍ରମୁଖ ଦିନ ତମାମ ସହର ବିଭିନ୍ନ ସ୍ଥାନରେ ତଦାରଖ କରିଥିଲେ। ଅମାନିଆଙ୍କୁ ଧରିବା ପାଇଁ ଜୁନାଗଡ ପୋଲିସ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ କରିବା ସହ ବିଭିନ୍ନ ଛକରେ ପୋଲିସ ମୁତୟନ ହୋଇଥିଲେ।

# କୋଭିଡ୍ ପରିଚାଳନା ଉପରେ ଗୁରୁତ୍ୱ



ବରଗଡ଼ରେ କୋଭିଡ୍ ପରିଚାଳନା ନେଇ ଅନୁଷ୍ଠିତ ବୈଠକ ।

**ବରଗଡ଼ ଅଫିସ୍, ୫।୫**

ବରଗଡ଼ ଜିଲାରେ କରୋନା ସଂକ୍ରମଣର ଏଭଳି ଅସମ୍ଭାଳ ପରିସ୍ଥିତିକୁ ପ୍ରତିହତ କରିବା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ) ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେପୁର ବିଧାୟିକା ରୀତା ସାହୁ, ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ସମେତ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଜିଲାରେ କୋଭିଡ୍ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କୋଭିଡ୍ ହସ୍ପିଟାଲରେ ଆଇସିୟୁ, ଭେଣ୍ଟିଲେଟର ସମସ୍ୟା ଉପୁଜୁ ଥିବାବେଳେ ତାକୁ ନେଇ ଆଲୋଚନା ହୋଇଥିଲା। କୋଭିଡ୍ ହସ୍ପିଟାଲରେ ରହିଥିବା ୮ଟି ଭେଣ୍ଟିଲେଟର କାର୍ଯ୍ୟକ୍ଷମ ଥିବାବେଳେ ବାକି ୩ଟି ଭେଣ୍ଟିଲେଟରକୁ କିଭଳି ତୁରନ୍ତ କାର୍ଯ୍ୟକ୍ଷମ କରାଯିବ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

ସେହିପରି ଏଭଳି ବିପର୍ଯ୍ୟୟ ସମୟରେ ସ୍ଥାନୀୟ ଏସିସି ପରିଚାଳିତ ବରଗଡ଼ ସିମେଣ୍ଟ କାରଖାନା ସିଏସ୍‌ଆର ଫଣ୍ଡରୁ ଜିଲାର ଆକ୍ରାନ୍ତଙ୍କ ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଲାଗି ଭେଣ୍ଟିଲେଟର ଆଦି ବ୍ୟବସ୍ଥା କିଭଳି କରାଯାଇପାରିବ ତାକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହା ସହିତ ଘରକୁ ଘର ବୁଲି କୋଭିଡ୍ ଟେଷ୍ଟକୁ ତ୍ୱରାନ୍ୱିତ କରିବା, ଘରେ ଆଇସୋଲେଶନରେ ରହିଥିବା ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ଆବଶ୍ୟକ ପରାମର୍ଶ ଦେବା ଏବଂ ଏଥିରେ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ, ଆଶା ଏବଂ ଅଙ୍ଗନୱାଡି କର୍ମୀଙ୍କୁ ଅଧିକ କ୍ରିୟାଶୀଳ ହେବାକୁ ପରାମର୍ଶ ଦିଆଯାଇଥିଲା।

# ଟିଟିଲାଗଡ଼ରେ ଲକ୍‌ଡାଉନ, ବଜାର ବୁଲିଲେ ଏସ୍‌ପି

**ଟିଟିଲାଗଡ଼, ୫।୫(ଡି.ଏନ.ଏ)**

**କରୋନା କେୟାର ସେଣ୍ଟରରେ ୨ ମୃତ**

ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ ୧୪ ଦିନିଆ ଲକଡାଉନ ଆରମ୍ଭ ହୋଇଛି। ଲକ୍‌ଡାଉନକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନ ପକ୍ଷରୁ ନାନାବିଧ ପଦକ୍ଷେପ ନିଆଯାଇଥିଲା। ଏସ୍‌ପି ନିତୀନ କୁଶଲକର ଟିଟିଲାଗଡ ଆସି ଥାନାରେ ସମୀକ୍ଷା କରିବା ପରେ ବଜାର ବୁଲିଥିଲେ। ତାଙ୍କ ସହ ତହସିଲଦାର ପ୍ରେମଲାଲ ହିଆଲ, ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ, ଥାନା ଆଇଆଇସି ବୁଲୁ ମୁଣ୍ଡା ସହର ପରିକ୍ରମା କରିଥିଲେ। ପରେ ଏସ୍‌ପି ଉପଜିଲାପାଳ ସୋମେଶ ଉପାଧ୍ୟାୟଙ୍କ ସହ ଆଲୋଚନା କରିଥିଲେ। ଗତ ତିନିଦିନ ମଧ୍ୟରେ ସହର ତଥା ଗ୍ରାମାଞ୍ଚଳରେ ୧୭୬ କରୋନା ମାମଲା ରୁଜୁ ହୋଇଛି। ଅପରପକ୍ଷରେ କୌଣସି ଚିକିତ୍ସା ସୁବିଧା ନଥାଇ କରୋନା ସେବା କେନ୍ଦ୍ର ନାମରେ ରୋଗୀ ଭର୍ତ୍ତି ପରେ ମୃତ୍ୟୁର ପ୍ରଥମ ଘଟଣା ଆଲୋଡନ ସୃଷ୍ଟି କରିଛି। ବୁଧବାର କରୋନା ସେବା କେନ୍ଦ୍ରରେ ଦୁଇଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ପ୍ରଶାସନ ପକ୍ଷରୁ ଭାରପ୍ରାପ୍ତ ମାଜିଷ୍ଟ୍ରେଟ ପ୍ରେମଲାଲ ହିଆଲ, ଅତିରିକ୍ତ ତହସିଲଦାର କର୍ଣ୍ଣ ମଲ୍ଲିକ, ସହାୟକ ଜିଲାପାଳ ଡ. ଲଳିତ ବାଗ, ଥାନା ଆଇଆଇସି ବୁଲୁ ମୁଣ୍ଡା, ପୌର ବିଶୋଧନ ଅଧିକାରୀ ଶୁଭସ୍ମିତା ଧଳ ପ୍ରମୁଖଙ୍କ ଉପସ୍ଥିତିରେ ମୃତଦେହ ବିଶୋଧନ ତଥା ସିଲ୍ କରାଯାଇଥିଲା। ପରେ ଉଭୟ ମୃତକଙ୍କୁ ସେମାନଙ୍କ ପରିବାରବର୍ଗଙ୍କ ଉପସ୍ଥିତିରେ ସହରର ହାଟପଦାପଡା ସ୍ଥିତ ମୁକ୍ତିଧାମ ଶ୍ମଶାନରେ ସତ୍କାର କରାଯାଇଥିବା ଭାରପ୍ରାପ୍ତ ମାଜିଷ୍ଟ୍ରେଟ ହିଆଲ ସୂଚନା ଦେଇଛନ୍ତି। ଟିଟିଲାଗଡ ଉପଖଣ୍ଡରେ କରୋନା ରୋଗୀଙ୍କ ପାଇଁ ସେବାକେନ୍ଦ୍ର ଖୋଲାଯାଇଛି। ହେଲେ ଭେଣ୍ଟିଲେଟର, ଇଞ୍ଜେକ୍ସନ, ଔଷଧ ଆଦି କୌଣସି ବିଶେଷ ଚିକିତ୍ସା ସୁବିଧା ନାହିଁ। ପ୍ରଶାସନର ଦାବି ମୁତାବକ ଏଠାରେ ୧୮୬ ଶଯ୍ୟା ବ୍ୟବସ୍ଥା ରହିଛି। ହେଲେ କୌଣସି ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇନାହିଁ। କେନ୍ଦ୍ରରେ ତୁରନ୍ତ ଆଇସିୟୁ ସୁବିଧା ସହ ଚିକିତ୍ସା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଟିଟିଲାଗଡ ନାଗରିକ କମିଟି ସଭାପତି ରାଧାକାନ୍ତ ପାଢୀ ଦାବି କରିଛନ୍ତି।

# ଦେଓଗାଁ: ପାଇପ୍ ଜଳଯୋଗାଣ ବନ୍ଦ

**ଦେଓଗାଁ,୫।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଓ କଛାରପାଲିକୁ ପାଇପ ଜଳ ଯୋଗାଣ ବନ୍ଦ ରହିଛି। ଆଗରୁ ଇନଟେକୱେଲରେ ପାଣି ଅଭାବ ଦର୍ଶାଇ ୨ଦିନ ବ୍ୟବଧାନରେ ଜଳଯୋଗାଣ କରାଯାଉଥିଲା । ହେଲେ ଆଜକୁ ପ୍ରାୟ ୫ରୁ ୭ଦିନ ହେଲା ଦେଓଗାଁର ଭଞ୍ଜପଡା, ମେନରୋଡ, ମାଷ୍ଟରପଡାକୁ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ବର୍ଷକ ତଳେ ୧କୋଟି୬୦ଲକ୍ଷ ଟଙ୍କାରେ ଉକ୍ତ ପ୍ରକଳ୍ପର ନବୀକରଣ କରାଯାଇଛି। ହେଲେ ପୂର୍ବପରି ଲୋକେ ପାନୀୟଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଏ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତଙ୍କୁ ପଚାରିବାରୁ ଟାଙ୍କିରେ ପାଣି ଅଭାବ ରହୁଛି। କିଛିଦିନ ମଧ୍ୟରେ ସୋନଗଡ ନଦୀରେ ଥିବା ଇନଟେକୱେଲ ନିକଟରେ ଗ୍ୟାଲେରୀ କାମ କରାଯିବ ବୋଲି କହିଥିଲେ ।

# ମଦ ଦୋକାନ ଖୋଲିବାକୁ ନେଇ ବିବାଦ

**ଜାମଟିକ୍ରା,୫।୫(ଡି.ଏନ.ଏ.)**

ଅତାବିରା ଏନଏସିର ବସଷ୍ଟାଣ୍ଡ ପାଖରେ ଖୋଲା ଯାଇଥିବା ବିଦେଶୀ ମଦ ଦୋକାନକୁ ନେଇ ବିବାଦ ଦେଖାଦେଇଛି। ବୁଧବାର ଅଞ୍ଚଳର ବୁଦ୍ଧିଜୀବୀମାନେ ତହସିଲଦାର ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ ଜଣେ ବ୍ୟକ୍ତି ଅନୁମତି ପାଇବା ପରେ ଅତାବିରା ବସଷ୍ଟାଣ୍ଡ ପାଖରେ ଏକ ଘର ଭଡା ନେଇଛନ୍ତି। ତେବେ ଉକ୍ତ ଦୋକାନ ଖୋଲାଯିବା ସ୍ଥାନ ନିକଟରେ ବସଷ୍ଟାଣ୍ଡ,ବିଦ୍ୟାଳୟ ଓ ମନ୍ଦିର ରହିଛି। ଏନେଇ ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କ ସହିତ ଦଶରଥ ଭୋଇ, କୁଶ କୁମ୍ଭାର, ସୁନନ୍ଦା ମେହେର, ଭରତ ବେହେରା, ଉମେଶ ଗୁପ୍ତା, ଦୀପକ ରାୟ ପ୍ରମୁଖ ଆଲୋଚନା କରି ମଦ ଦୋକାନ ଅନ୍ୟତ୍ର ଖୋଲିବା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ।

# ପରିବା ଫିଙ୍ଗିଲେ ବିକାଳି, ଦୃଢ଼ ହେଲା ପ୍ରଶାସନ

**ବଲାଙ୍ଗୀର ଅଫିସ, ୫।୫**



ଡେଲିମାର୍କେଟ ରାସ୍ତା ଉପରେ ପରିବା ଫିଙ୍ଗାଯାଇଛି ।

- ମ୍ୟୁନିସିପାଲିଟି ପକ୍ଷରୁ କଟକଣା କଡାକଡି
- ବିଭିନ୍ନ ଛକରେ ବସିବ ପରିବା ଦୋକାନ
- ଡେଲିମାର୍କେଟ, ସାପ୍ତାହିକ ହାଟ ବନ୍ଦ

ବଲାଙ୍ଗୀରରେ ଦ୍ରୁତ ସଂକ୍ରମଣ ଭୟକୁ ଆଖି ଆଗରେ ରଖି ଜିଲା ପ୍ରଶାସନ କୋଭିଡ କଟକଣାକୁ କଡାକଡି କରିଛି। ବୁଧବାରଠାରୁ ଲକ୍‌ଡାଉନ୍ ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ବୁଧବାର ସକାଳେ ଡେଲିମାର୍କେଟରେ ପରିବା ବିକ୍ରିକୁ ନେଇ ମୁହାଁମୁହିଁ ପରିସ୍ଥିତି ଦେଖାଯାଇଥିଲା। କେତେକ ହାତଗଣତି ପରିବା ବିକାଳି ମ୍ୟୁନିସିପାଲିଟି କର୍ମଚାରୀଙ୍କୁ ବିରୋଧ କରି ଅଳ୍ପମାତ୍ର ପରିବା ଆଣି ରାସ୍ତା ଉପରେ ଫିଙ୍ଗି ଦେଇ ପ୍ରତିବାଦ ଚେଷ୍ଟା କରିଥିଲେ । ତେବେ ସେମାନଙ୍କ ଏଭଳି ପ୍ରତୀକାତ୍ମକ ପ୍ରତିବାଦକୁ ଭ୍ରୂକ୍ଷେପ ନକରି କଡାକଡି ଆଭିମୁଖ୍ୟ ଗ୍ରହଣ କରିଥିଲା ଜିଲା ପ୍ରଶାସନ । ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଲକ୍‌ଡାଉନ୍ ସମୟରେ ସାପ୍ତାହିକ ହାଟ ଓ ଡେଲିମାର୍କେଟ ବନ୍ଦ କରାଯାଇ ପରିବା ବିକାଳିଙ୍କୁ ସହରର ବିଭିନ୍ନ ଛକରେ ୩୦ ଫୁଟ୍ ଦୂରତା ରଖି ବିକ୍ରି କରିବାକୁ ନିର୍ଦ୍ଦେଶ ରହିଛି। ଏନେଇ ମ୍ୟୁନିସିପାଲିଟି ପକ୍ଷରୁ ଡେଲିମାର୍କେଟ ପରିବା ବିକାଳିମାନଙ୍କୁ ଜଣାଇ ଦିଆଯାଇଥିଲେ ମଧ ବୁଧବାର ସକାଳେ କେତେକ ଡେଲିମାର୍କେଟ ଭିତରେ ବସି ବିକ୍ରି କରିବାକୁ ଜିଦ୍ ଧରିଥିଲେ । ସେମାନଙ୍କୁ ପୂର୍ବରୁ ଉଚିତ୍ ସୂଚନା ଦିଆଯାଇନାହିଁ ବୋଲି କହିଥିଲେ। କୌଣସି ପରିସ୍ଥିତିରେ କେହି ଡେଲିମାର୍କେଟ ଭିତରେ ପରିବା ବିକ୍ରି ହୋଇ ପାରିବ ନାହିଁ ବୋଲି ପୌର କର୍ତ୍ତୃପକ୍ଷ କହିଥିଲେ । ଉପଜିଲାପାଳ ଲମ୍ବୋଦର ଧରୁଆ, ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ପରିବା ବିକାଳିଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ନମାନି ପରିବା ଫିଙ୍ଗି ପ୍ରତିବାଦ କରିଥିଲେ। ଯେଉଁ ପରିବା ବ୍ୟବସାୟୀ ବିକ୍ରୟ କରିବାକୁ ଚାହିଁଛନ୍ତି ସେମାନେ ସହରର ଚିହ୍ନଟ ସ୍ଥାନ ଓ ଛକରେ ବସି ବିକ୍ରୟ କରିପାରିବେ ବୋଲି କୁହାଯାଇଥିଲା। ପରେ ପରିବା ବ୍ୟବସାୟୀ ଓ ମ୍ୟୁନିସିପାଲିଟି ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସହରର କଂସାରୀପଡା ଆରଏମ୍‌ସି, କୋଶଳ କଳାମଣ୍ଡଳ ପଡିଆ, ଭାଗିରଥି ଛକ, ୱେଷ୍ଟା ପଡିଆ, ହାଟପଡାପଡାଠାରେ ପରିବା ବିକ୍ରୟ ବ୍ୟବସ୍ଥା କରାଯାଉଥିବା ସୂଚନା ଦିଆଯାଇଛି।